

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୩୪ ● ୧୪ ଜୁନ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-134 ● 14th June 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



15001/69/2627

# ସୁସ୍ଥ ଭାରତ, ସଶକ୍ତ ଭାରତ



୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ୫ଲକ୍ଷ ଟଙ୍କାର ମାଗଣା ଚିକିତ୍ସା,
୭୦ କୋଟିରୁ ଅଧିକ ଲୋକଙ୍କୁ ଆୟୁଷ୍ମାନ ଭାରତର ସୁରକ୍ଷା
୧୯,୦୦୦ରୁ ଅଧିକ ଜନ ଔଷଧି କେନ୍ଦ୍ର ଜରିଆରେ ୯୦% କମ ମୂଲ୍ୟରେ
ମିଳୁଛି ଶସ୍ତା ଓ ଗୁଣବତ୍ତାପୂର୍ଣ୍ଣ ଔଷଧ

12 ବର୍ଷ ବିଶ୍ୱାସର, ବିକାଶର, ଜନକଲ୍ୟାଣର

Government of India

OIPR : 15001/15001/2/26-27/0069


# ବାୟୁସେନାର ବିମାନ ଦୁର୍ଘଟଣାଗ୍ରସ୍ତ : ୫ ସୈନିକ ସହିଦ

**ଜୋରାହାଟ (ଆସାମ), ୧୩।୬**

ଆସାମର ଜୋରହାଟସ୍ଥିତ ରୋଉରିଆ ବାୟୁସେନା ଷ୍ଟେସନରେ ଏକ ଭାରତୀୟ ବାୟୁସେନା ଏଏନ୍ -୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୫ ଜଣ ବାୟୁସେନା କର୍ମଚାରୀ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ବିମାନଟି ଅବତରଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ପରେ ନିଆଁ ଲାଗିଯାଇଥିଲା।



ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଭାରତୀୟ ବାୟୁସେନା ଦ୍ୱାରା ଜାରି ଏକ ସରକାରୀ ବିବୃତିରେ କୁହାଯାଇଛି ଯେ ଆସାମର ଜୋରହାଟରେ ଏଏନ୍-୩୨ ବିମାନ ଦୁର୍ଘଟଣାରେ ୫ ଜଣ କର୍ମଚାରୀଙ୍କ ମୃତ୍ୟୁରେ ଭାରତୀୟ ବାୟୁସେନା ଗଭୀର ଭାବରେ ଦୁଃଖିତ। ସ୍କ୍ୱାଡ୍ରନ୍ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ୍ ଲେଫ୍ଟନାଣ୍ଟ ଶୁଭମ କୁମାର, ସାର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀରଭାୟୁ ଖେମାରାମ କୁମାୱତ ଏବଂ ଅଗ୍ନିବୀରଭାୟୁ ଦାନିଶ ଆଲାମ କର୍ତ୍ତବ୍ୟ ପାଳନ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ଭାରତୀୟ ବାୟୁସେନା ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରୁଛି ଏବଂ ଏହି ଦୁଃଖର ମୁହୂର୍ତ୍ତରେ ସେମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛି।

ଏହି ସମୟରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ଇମେଲ୍ ମାଧ୍ୟମରେ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରି କହିଛନ୍ତି, 'ଆସାମର ଜୋରହାଟରେ ଏଏନ୍-୩୨ ବିମାନ ଦୁର୍ଘଟଣାରେ ପାଞ୍ଚ ଜଣ ବାୟୁସେନାର ସୈନିକଙ୍କ ମୃତ୍ୟୁରେ ମୁଁ ଗଭୀର ଦୁଃଖିତ। ସ୍କ୍ୱାଡ୍ରନ୍ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ୍ ଲେଫ୍ଟନାଣ୍ଟ ଶୁଭମ କୁମାର, ସାର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀରଭାୟୁ ଖେମାରାମ କୁମାୱତ ଏବଂ ଅଗ୍ନିବୀରଭାୟୁ ଦାନିଶ ଆଲାମ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ଦେଶ ସର୍ବଦା ଗର୍ବ ଏବଂ କୃତଜ୍ଞତାର ସହିତ ସେମାନଙ୍କ ସାହସ ଏବଂ ସେବାକୁ ମନେ ରଖିବ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା। ଏହି ଦୁଃଖର ମୁହୂର୍ତ୍ତରେ ଦେଶ ସେମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଦୁର୍ଘଟଣା ପରେ *(ପୃଷ୍ଠା ୭ରେ)*

## ଆଇଏମ୍ଏ ଇତିହାସରେ ପ୍ରଥମ
# ପାସିଂ ଆଉଟ୍ ପରେଡ୍‌ରେ ୯ ମହିଳା କ୍ୟାଡେଟ୍ ସାମିଲ

**ଡେରାଡୁନ, ୧୩।୬**

ଭାରତୀୟ ସାମରିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ହୋଇଛି । ପ୍ରଥମ ଥର ପାଇଁ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍‌ଡିଏ) ପାସ୍ କରିଥିବା ମହିଳା କ୍ୟାଡେଟମାନେ ଡେରାଡୁନର ଭାରତୀୟ ସାମରିକ ଏକାଡେମୀ (ଆଇଏମ୍ଏ)ରେ ଅନୁଷ୍ଠିତ ପାସିଂ ଆଉଟ୍ ପରେଡ୍ ରେ ପୁରୁଷ କ୍ୟାଡେଟମାନଙ୍କ ସହିତ କାନ୍ଧ ମିଳାଇ ତାଲିମ ସମାପ୍ତ କରି ଭାରତୀୟ ସେନାରେ ଅଧିକାରୀ ଭାବରେ ନିଯୁକ୍ତି ହୋଇଛନ୍ତି ।



ଶନିବାର ଡେରାଡୁନରେ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀର ୧୫୮ତମ ପାସିଂ ଆଉଟ୍ ପରେଡ୍‌ରେ ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ପ୍ରଥମ ଥର ପାଇଁ, ଏକାଡେମୀରେ ତାଲିମପ୍ରାପ୍ତ ୯ ଜଣ ମହିଳା କ୍ୟାଡେଟ୍, ପୁରୁଷ ସହକର୍ମୀଙ୍କ ସହିତ ମାର୍ଚ୍ଚପାଷ୍ଟ କରିଥିଲେ। ଏହି ସମାରୋହରେ ମୋଟ ୫୧୫ ଜଣ ଅଫିସର କ୍ୟାଡେଟ୍ ପାସ୍ ଆଉଟ୍ ହୋଇଛନ୍ତି, ଯେଉଁଥିରେ ୪୮୧ ଭାରତୀୟ କ୍ୟାଡେଟ୍ ଏବଂ ୧୬ ବନ୍ଧୁ ରାଷ୍ଟ୍ରର ୩୪ ଜଣ ବିଦେଶୀ କ୍ୟାଡେଟ୍ ଅନ୍ତର୍ଭୁକ୍ତ ରହିଛନ୍ତି । ତାଲିମ ସମାପ୍ତ ହେବା ପରେ, ସେମାନେ ଭାରତୀୟ ସେନା ଏବଂ ସେମାନଙ୍କ ଦେଶର ସଶସ୍ତ୍ର ବାହିନୀରେ କମିଶନଡ୍ ଅଫିସର (ଭାରତୀୟ ସେନାରେ ଲେଫ୍ଟନାଣ୍ଟ ପଦବୀ)ରେ ଆନୁଷ୍ଠାନିକ ଭାବରେ ଯୋଗ ଦେବେ ।

ପାସିଂ ଆଉଟ୍ ପରେଡ୍‌ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ଭାରତୀୟ ସାମରିକ ଏକାଡେମୀରେ ୯ ଜଣ ମହିଳା କ୍ୟାଡେଟଙ୍କ ସାମିଲ ହେବା ମହିଳା ନେତୃତ୍ୱାଧୀନ ବିକାଶର ଏକ ପ୍ରେରଣାଦାୟକ ଉଦାହରଣକୁ ପ୍ରତିଫଳିତ କରୁଛି ।

କ୍ୟାଡେଟମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, '୯ ଜଣ ମହିଳା କ୍ୟାଡେଟଙ୍କୁ ଦେଖି ମୁଁ ବିଶେଷ ଭାବରେ ଆନନ୍ଦିତ । ଏହା ଆଇଏମ୍ଏ ଇତିହାସରେ ଏକ ଐତିହାସିକ ମୁହୂର୍ତ୍ତ । ଏହା କେବଳ ଭାରତର ପ୍ରତିରକ୍ଷା *(ପୃଷ୍ଠା ୭ରେ)*

## ଏଲ୍-ନିନୋକୁ ନେଇ ଚାଷୀକୁଳ ବିଚଳିତ ନହେବାକୁ ରାଜସ୍ୱମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୧୩।୬**
**ନ୍ୟୁଜ୍ ବ୍ୟୁରୋ**

ଏଲ୍-ନିନୋକୁ ଦୃଷ୍ଟିରେ ରଖି ରାଜ୍ୟର ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏଲ୍-ନିନୋକୁ ନେଇ ଚାଷୀକୁଳ ବିଚଳିତ ନହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି କମ୍ ବର୍ଷା ହେଲେ ରାଜ୍ୟ ସରକାରଙ୍କ ବିକଳ୍ପ ଯୋଜନା ପ୍ରସ୍ତୁତ ଅଛି। ପୂର୍ବାନୁମାନ କହୁଛି ଓଡ଼ିଶାରେ ବେଶି ସମସ୍ୟା ହେବନାହିଁ। ଆବଶ୍ୟକ ହେଉଥିବା ୧୪୫୨ *(ପୃଷ୍ଠା ୭ରେ)*

## ୮ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମୋହର
# ୬୪ଟି ସ୍ଥାନର ଇଂରାଜୀ ବନାନ ବଦଳିବ

**ଭୁବନେଶ୍ୱର, ୧୩।୬**
**ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକରେ ୬ଟି ବିଭାଗର ମୋଟ୍ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, କ୍ୟାବିନେଟ୍ ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ୨ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୨ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ , ପଞ୍ଚାୟତିରାଜ ଓ ପାନୀୟ ଜଳ, ସାଧାରଣ ପ୍ରଶାସନ ଏବଂ ଆଇନ ବିଭାଗର ୧ଟି ଗୋଟିଏ ଲେଖାଏଁ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଓଡ଼ିଆ ସାଂସ୍କୃତିକ ଅସ୍ମିତାର ସୁରକ୍ଷା ପାଇଁ ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ବିକୃତ ଇଂରାଜୀ ବନାନର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ସମେତ ବନ୍ଦ ସମବାୟ ସୂତାକଳଗୁଡ଼ିକର ବକେୟା ପରିଶୋଧନ ପାଇଁ ୨୦୦କୋଟି ଟଙ୍କାର ବଜେଟ୍ ବରାଦ କରି ସେହି ଜମିରେ ନିଯୁକ୍ତିଭିତ୍ତିକ ବୟନଶିଳ୍ପ ପ୍ରତିଷ୍ଠା କରିବା ଓ କେନ୍ଦ୍ର ସରକାର ମନରେଗା(ନୂଆ ନାମ- ଭିବି ଜୀ ରାମ ଜୀ) ଯୋଜନାକୁ ଓଡ଼ିଶାରେ ଲାଗୁ କରି ଗ୍ରାମାଞ୍ଚଳରେ ବାର୍ଷିକ ୧୨୫ଦିନର ନିଶ୍ଚିତ କର୍ମନିଯୁକ୍ତି ପ୍ରଦାନ କରିବା ଭଳି ନିଷ୍ପତ୍ତି ରାଜ୍ୟ କ୍ୟାବିନେଟ୍ ନେଇଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡ଼ିଆ ଭାଷାଗତ ଐତିହ୍ୟ ଓ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ପାଇଁ ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ଇଂରାଜୀ ବନାନ ସଂଶୋଧନ ପ୍ରସ୍ତାବକୁ *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୧୩।୬**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଶନିବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗସ୍ତ କାର୍ଯ୍ୟକ୍ରମର ସୁଚାରୁ ରୂପେ ପରିଚାଳନା ଏବଂ ସମସ୍ତ ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ବୈଠକରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।



ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ,ଶିକ୍ଷା, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ଅଗ୍ନିଶମ ସେବା, ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ,କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ଦୂରଦର୍ଶନ, ଟେଲିକମ୍ ସେବା ଆଦି ସଂପୃକ୍ତ ସଂସ୍ଥାର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ, ମୟୂରଭଞ୍ଜ, ପୂର୍ବାଞ୍ଚଳ ପୁଲିସ୍ ଆଇଜି, ଆରକ୍ଷୀ ଅଧିକ୍ଷକ, *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଆସାମରେ ୧୮ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ସିଧାସଳଖ ଆଧାର ନାହିଁ: ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା।
- ମଣିପୁରର କାକଞ୍ଚିରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ସାମରିକ-ଗ୍ରେଡ୍ ସାମଗ୍ରୀ ଉଦ୍ଧାର।
- ଜୁନ୍ ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍।
- ବିଏସଏଫର ଗୁଳିମାଡ଼ରେ ବାଂଲାଦେଶୀ ଚୋରା ଚାଲାଣକାରୀ ନିହତ, ତ୍ରିପୁରା ସୀମାରେ ଉତ୍ତେଜନା।




# ଜୀବନ ରକ୍ଷାକାରୀ ମେଡିସିନ ଦର ୫୦% ବଢ଼ାଇଲେ ସରକାର



**ନୂଆଦିଲ୍ଲୀ, ୧୩।୬**

ରନ୍ଧନ ଗ୍ୟାସ (ଏଲପିଜି), ପେଟ୍ରୋଲ ଓ ଡିଜେଲ ପରେ ଏବେ ଜୀବନ ରକ୍ଷାକାରୀ ଜରୁରୀକାଳୀନ ଔଷଧ ଉପରେ ପଶ୍ଚିମ ଏସିଆ ଯୁଦ୍ଧର ସାଙ୍ଘାତିକ ପ୍ରଭାବ ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ ସ୍ତରରେ ଯୋଗାଣ ଶୃଙ୍ଖଳ ବିପର୍ଯ୍ୟସ୍ତ ହେବା ଯୋଗୁ କ୍ୟାନ୍ସର ରୋଗ ଚିକିତ୍ସାରେ ବ୍ୟବହୃତ ପ୍ରମୁଖ କେମୋଥେରାପି ଔଷଧ 'ସିସ୍ପ୍ଲାଟିନ', 'କାର୍ବୋପ୍ଲାଟିନ' ଏବଂ ଧନୁଷ୍ଟଙ୍କାର ରୋଗର ପ୍ରତିଷେଧକ 'ଟିଟାନସ୍' ଇଞ୍ଜେକ୍ସନ ମୂଲ୍ୟରେ ବ୍ୟାପକ ବୃଦ୍ଧି ଘଟିଛି। କଞ୍ଚାମାଲ ଆମଦାନୀ ଖର୍ଚ୍ଚ ଏବଂ ବିମାନ ଓ ସାମୁଦ୍ରିକ ପରିବହନ ଭଡ଼ା ଅହେତୁକ ଭାବେ ବଢ଼ିଯିବା ଯୋଗୁ ମେଡିକାଲ ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି, ଯାହା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ରୋଗୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ବଜାରରେ ଏହି ସାଙ୍ଘାତିକ ସଙ୍କଟ ଓ କ୍ୟାନସର ଔଷଧର କୃତ୍ରିମ କଳାବଜାରୀକୁ ରୋକିବା ପାଇଁ କେନ୍ଦ୍ର ସରକାର ଡ୍ରଗ୍ ପ୍ରାଇସ୍ କଣ୍ଟ୍ରୋଲ ଅର୍ଡର (ଡିପିସିଓ, ୨୦୧୩) ର ଜରୁରୀକାଳୀନ 'ପାରା ୧୯' ର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ଜନସ୍ୱାର୍ଥରେ ୪ଟି ଜୀବନ ରକ୍ଷାକାରୀ ଔଷଧର ସର୍ବୋଚ୍ଚ ସିଲିଂ ମୂଲ୍ୟକୁ ୫୦ ପ୍ରତିଶତ ଯାଏ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି।


15001/67/2627



## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0067

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜୁନ୍ ୨୦୨୬ ରବିବାର





## ରାସ୍ତା ସହ ଗାର୍ଡୱାଲ୍ ନିର୍ମାଣ କରିବା ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ପଞ୍ଚାୟତର ଅଙ୍ଗୁଳାଇ ଗ୍ରାମରେ ଟୁକୁନି ଦାସଙ୍କ ଘର ଠାରୁ ଜଗନ୍ନାଥ ପାଣି ଘର ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଚଳପ୍ରଚଳ ହୁଅନ୍ତି । ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇ ବଡ ବଡ ଖାଲ ଖମା ଓ ଦବିଯାଇଥିବାରୁ ବର୍ଷା ସମୟରେ ବର୍ଷା ଜଳ ଜମି ରହୁଛି । ଫଳରେ ଗ୍ରାମବାସୀ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବଂ ଜରୁରୀକାଳୀନ ଗାଡି ଆମ୍ବୁଲାନ୍ସ, ଦମକଳ ସହିତ ଅଟୋ ରିକ୍ସା ମଧ ଯାତାୟାତ କରିପାରୁନାହିଁ । ଫଳରେ ଗ୍ରାମର ବୃଦ୍ଧ, ବୃଦ୍ଧା, ମହିଳା, ସ୍କୁଲ୍ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମରେ ଦୁଇ ଦୁଇଥର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ତାଲିକାରେ ଗ୍ରାମ ସଭାରେ ପ୍ରକଳ୍ପ ଅନୁମୋଦନ ହୋଇଥିଲା । ବ୍ଲକ ପ୍ରଶାସନକୁ ପଠାଯାଇଥିଲେ ମଧ ବ୍ଲକ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆନଯାଇ ରାସ୍ତା ସହ ଗାର୍ଡୱାଲ୍ କରାନଯିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ଏମ୍ ବେହେରାଙ୍କ ସହିତ ଜଗନ୍ନାଥ ପାଣି, ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ରାସ୍ତା ସହ ଗାର୍ଡୱାଲ୍ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ।

# ଜନଶୁଣାଣିରେ ସମାଧାନ:ଗାଁରେ ତଥାପି ଅନ୍ଧାର !

**କଣ୍ଟାବାଞ୍ଜି/ତୁରେକେଲା, ନ୍ୟୁଜ୍ ବ୍ୟୁରୋ**

ଜନଶୁଣାଣି ପୋର୍ଟାଲରେ ଚଟୁଅନକା ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ସମ୍ବନ୍ଧୀୟ ଏକ ଅଭିଯୋଗକୁ "ସମାଧାନ" ବୋଲି ଦର୍ଶାଯାଇଥିବା ବେଳେ, ଏହାର ବାସ୍ତବତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କୁ ପଠାଯାଇଥିବା ରିପୋର୍ଟରେ ଚଟୁଅନକା ଗ୍ରାମରେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ କରାଯାଇଥିବା ଉଲ୍ଲେଖ ରହିଛି । କିନ୍ତୁ ଭୂମିସ୍ତରର ସ୍ଥିତି ଏବଂ ସ୍ଥାନୀୟ ଲୋକଙ୍କ ମତ ଏହି ଦାବି ଉପରେ ସନ୍ଦେହ ସୃଷ୍ଟି କରିଛି । ଚଟୁଅନକା ପଞ୍ଚାୟତର PEO ହେମନ୍ତ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ ଷ୍ଟ୍ରିଟ୍ ଲାଇଟ୍ କଲୋନୀପଡାରେ ଲଗାଯାଇଛି । ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କଲୋନୀପଡା ଚଟୁଅନକା ଗ୍ରାମରେ ନୁହେଁ, ବରଂ ଚଟୁଅନକା ପଞ୍ଚାୟତ ଅଧୀନ କୁର୍ଲି ଗ୍ରାମର ଏକ ବସତି ଅଞ୍ଚଳ । ଏପରି ସ୍ଥିତିରେ ଚଟୁଅନକା ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବା ଦର୍ଶାଇ ରିପୋର୍ଟ ଦିଆଯିବା ଏବଂ ଅଭିଯୋଗକୁ ସମାଧାନ ବୋଲି ଦର୍ଶାଇବା କେତେଦୂର ଯଥାର୍ଥ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟପଟେ PEO ଶ୍ରୀ ମଲ୍ଲିକ ଆହୁରି କହିଛନ୍ତି ଯେ ଚଟୁଅନକା ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ପ୍ରସ୍ତାବ ରହିଛି ଏବଂ ଆବଶ୍ୟକ ଅର୍ଥ ଆସିବା ପରେ କାର୍ଯ୍ୟ କରାଯିବ । ଏହି ବୟାନରୁ ସ୍ପଷ୍ଟ ହେଉଛି ଯେ ଚଟୁଅନକା ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେମାନଙ୍କ କହିବା ଅନୁଯାୟୀ, ଯଦି ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାମ ବାକି ରହିଛି, ତେବେ ଜନଶୁଣାଣି ପୋର୍ଟାଲ୍‌ରେ ଅଭିଯୋଗକୁ "ସମାଧାନ" ବୋଲି କିପରି ଦର୍ଶାଯାଇଲା ଏବଂ କେଉଁ ଆଧାରରେ ରିପୋର୍ଟ ପ୍ରସ୍ତୁତ କରାଗଲା, ତାହାର ସ୍ପଷ୍ଟୀକରଣ ପ୍ରଶାସନ ଦେବା ଆବଶ୍ୟକ । ଗ୍ରାମବାସୀମାନେ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହିତ ଚଟୁଅନକା ଗ୍ରାମର ବାସ୍ତବ ସ୍ଥିତି ଯାଞ୍ଚ କରି ଶୀଘ୍ର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ଜନଶୁଣାଣି ପୋର୍ଟାଲର ରିପୋର୍ଟ ଓ ଭୂମିସ୍ତରର ବାସ୍ତବ ଚିତ୍ର ମଧ୍ୟରେ ଥିବା ଏହି ଅନ୍ତର ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୬୦୦ ଲିଟର ଦେଶୀ ମଦ ଜବତ:ଜଣେ ଗିରଫ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଚୋରା ମଦ ବ୍ରାଉନ୍ ସୁଗାର ଗଞ୍ଜେଇ ବେପାରୀ ମାନଙ୍କ ଭୂସ୍ୱର୍ଗ ପାଲିଟିଛି । ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ଉ କରି ସେମାନଙ୍କ ଠାରୁ ଜବତ କରାଯାଉଛି । ଏହି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଉଛି । ହେଲେ ଏହି କାରବାର ଥମିବାରେ ନା ଧରୁନାହିଁ । ଏହି ଦୁଇ ଦିନ ଭିତରେ ଦଶରଥପୁର ଓ କୁଆଖିଆ ପୋଲିସ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍ ସୁଗାର ଜବତ କରିଥିଲା । ଯାଜପୁରରୋଡ଼ ବା ତୋଲିପୁର ଅବକାରୀ ବିଭାଗ କାର୍ଯ୍ୟାଳୟ ନିକଟରେ ଥିବା ୨୦, ନମ୍ବର ଜାତୀୟ ରାଜପଥ ଦମକଳ ନିକଟସ୍ଥ ଗୋଲେଇ ଛକରୁ ଏକ ଇଣ୍ଡିକା ଏସିଏସ୍ ଗାଡିରୁ ୬୦୦ ଲିଟର ଦେଶୀ ମଦ ସହିତ ଗାଡିକୁ ମଧ ଜବତ କରି ଆସାମୀକୁ ଗିରଫ କରି ଯାଜପୁର କୋର୍ଟ ପଠାଇଛି ପୋଲିସ । ତାହାର ଘର ଭଦ୍ରକର ପୁରୁଣା ବଜାର ଅଞ୍ଚଳର ବୋଲି ଜଣାପଡିଛି । ଅବକାରୀ ଥାନା କେଶ୍ ନଂ ୫୫ରେ ୨୬ରେ ଏକ ମକଦ୍ଦମା ରୁଜୁ କରିଛି ।

## ମହାନଦୀ ଧାରା ପକ୍ଷରୁ ପରିବେଶ ସୁରକ୍ଷା ସାଇକେଲ ଶୋଭାଯାତ୍ରା



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପରିବେଶ ଦିବସ ଅବସରରେ, ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ମହାନଦୀ ଧାରା' ସଂଗଠନ ପକ୍ଷରୁ ସୋନପୁର ଠାରେ ଏକ ସାଇକେଲ ଶୋଭାଯାତ୍ରା (ରାଲି) ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ସାଇକେଲ ଶୋଭାଯାତ୍ରା ଅପରାହ୍ନ ୫:୩୦ ସମୟରେ ଘୋଡ଼ାଘାଟ ପଡ଼ାରୁ ଆରମ୍ଭ ହୋଇ 'ଆମ ପୃଥିବୀ, ଆମ ଦାୟିତ୍ୱ' ବାର୍ତ୍ତା ନେଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ନାଗରିକମାନଙ୍କୁ ପରିବେଶ ଅନୁକୂଳ ଅଭ୍ୟାସ ଆପଣେଇବା ଏବଂ ପରିବେଶ ସୁରକ୍ଷା ପାଇଁ ସାମୂହିକ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରେରିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ଶୋଭାଯାତ୍ରାରେ ମହାନଦୀ ଧାରାର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ମହାନଦୀ ଧାରାର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ଶିକ୍ଷକ କିରଣ ସାହୁ ଓ ବିଶ୍ୱନାଥ ମହାକୁଡ଼ ଏବଂ ସ୍ୱେଚ୍ଛାସେବୀ ଛାତ୍ର ରିତେଶ ରଥ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀ ଏବଂ ପରିବେଶ ପ୍ରେମୀମାନେ ଅତ୍ୟନ୍ତ ଉତ୍ସାହର ସହ ଏହି ରାଲିରେ ସାମିଲ ହୋଇ ସହର ସାରା ସାଇକେଲ ଚଲାଇ ପରିବେଶ ସୁରକ୍ଷା, ପ୍ରଦୂଷଣ ହ୍ରାସ, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ଏକ ସବୁଜ ଭବିଷ୍ୟତର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ସାଇକେଲ ରାଲି ପରେ ପ୍ୟାଲେସ୍ ଗାର୍ଡେନ୍ ଠାରେ ଏକ ପରିବେଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପରିବେଶ ସଚେତନତା ଧର୍ମୀ ଆଲୋଚନା, ସବୁଜ ପୃଥିବୀ ପାଇଁ ଶପଥ ଗ୍ରହଣ, ସ୍ଥାୟୀ ଜୀବନ ଶୈଳୀ ଉପରେ ଆଲୋଚନା ଏବଂ ପରିବେଶ ସୁରକ୍ଷା କାର୍ଯ୍ୟରେ ଜନସାଧାରଣଙ୍କ ସହଭାଗିତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପାରସ୍ପରିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ପ୍ରୟାସ ମାଧ୍ୟମରେ ମହାନଦୀ ଧାରା ପରିବେଶ ସଚେତନତା ବୃଦ୍ଧି କରିବା ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସକାରାତ୍ମକ ପଦକ୍ଷେପ ନେବାକୁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି ।

## ପାରିବାରିକ ସମସ୍ୟାରୁ ଯୁବକଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଜଗାଙ୍ଗପୁର ବ୍ଲକ କୁନମୁର ପଞ୍ଚାୟତର ଲମଲୋଇ ଗ୍ରାମର ଯୁବକ ଘରର ଛାତରେ ଲାଗିଥିବା ହୁକ ଗଳାରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଲମଲୋଇ ଗ୍ରାମର ପ୍ରଶ୍ନଜୀତୀ ସରକାର (୪୫) ତାଙ୍କ ଶଶୁର ଘର ନିକଟରେ ଦୀର୍ଘ ଦିନ ଧରି ଗୃହ ନିର୍ମାଣ କରି ରହିଆସୁଥିଲେ । ସେ ଟାଟାରେ କୌଣସି କମ୍ପାନୀରେ କାର୍ଯ୍ୟ କରିଥିବା ଶୁଣିବାକୁ ମିଳୁଛି । ତାଙ୍କର ଝିଅ କଲିକତାରେ ପାଠ ପଢୁଥିବା ଯୋଗୁ ସ୍ତ୍ରୀ ଝିଅ ପାଖରେ ରହୁଥିଲେ । ପ୍ରଶ୍ନଜିତ ଦୁଇ ଦିନ ତଳୁ କାର୍ଯ୍ୟସ୍ଥଳରୁ ଆସି ଏଠାରେ ରହିଥିଲେ କିନ୍ତୁ କୌଣସି କାରଣରୁ ସେ ନିଜ ଘରର ରୋଷେଇ ଘରେ ବେଡ଼ସିଟ୍‌ଟି ବାନ୍ଧି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକମାନେ ଦେଖି ପୋଲିସକୁ ଖବର ଦେବାପରେ ଥାନା ଏସ୍ଆଇ ଦାମୟନ୍ତୀ ମହାନ୍ତ, ଲିଲି ସ୍ୱାଇଁ ଏଏସ୍ଆଇ ଟି. ନାଗେଶ୍ୱର ରାଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ତାଙ୍କ ପରିବାରକୁ ବାର୍ତ୍ତା ପ୍ରଦାନ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ପରିବାର ସଦସ୍ୟା ରାଜ୍ୟ ବାହାରେ ରହୁଥିବା ଯୋଗୁ ତାଙ୍କ ଉପସ୍ଥିତିକୁ ପୋଲିସ ଅପେକ୍ଷ କରିଥିବା ସହିତ । ପୋଲିସ ଘଟଣାସ୍ଥଳରେ ଆତ୍ମହତ୍ୟାର ତଦନ୍ତ କରୁଥିବା ଜଣାଯାଇଛି ।

## କେନ୍ଦୁଝରରେ ପେଟ୍ରୋଲିୟମ୍ ସାମଗ୍ରୀ ଯୋଗାଣ ଓ ଉପଲବ୍ଧତା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ୍ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ୍ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ୍ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ବଜାରରେ ଏହିସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ୍ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ପେଟ୍ରୋଲିୟମ୍ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ୍ ମହଜୁଦ୍ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି । ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର



ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି । ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ୍ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ବିଭାଗ, ସିଭିଲ୍ ସପ୍ଲାଇ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ)ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲିୟମ୍ ସାମଗ୍ରୀର ସୁବିଧାଜନକ ବଣ୍ଟନକୁ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।





## କୃଷି ବିଭାଗ ତରଫରୁ କ୍ଷେତ ବଞ୍ଚାଅ ଅଭିଯାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୃଷି ବିଭାଗ ଆନୁକୁଲ୍ୟରେ କୁତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କ୍ଷେତ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇ କିପରି ରାସାୟନିକ ସାରର ସ୍ୱଳ୍ପ ବ୍ୟବହାର କରି ଜୈବିକ ସାର ଉପରେ ପ୍ରାଧାନ୍ୟ ହେବେ ସେହି ଉଦ୍ଦେଶ୍ୟରେ ଚାଷୀମାନଙ୍କୁ ତାଲିମ୍ ଦିଆଯାଇଥିଲା । ଏଥିରେ ମୃତ୍ତିକା ପରୀକ୍ଷା, ସନ୍ତୁଳିତ ସାରର ବ୍ୟବହାର, ସବୁଜ ସାରର ଉପଦେୟତା ପ୍ରତି ଗୁରୁତ୍ୱ ଦେବାକୁ କୃଷି ବୈଜ୍ଞାନିକମାନେ ଉପସ୍ଥିତ ଥିବା ଶତାଧିକ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । କୃଷି ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ତାପସ ରଞ୍ଜନ ସାହୁ, ଡକ୍ଟର ଗାୟତ୍ରୀ ସାହୁ, ବ୍ଲକ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ, ସହକାରୀ କୃଷି ଅଧିକାରୀ ପରୀକ୍ଷିତ ସାହୁ, ଗ୍ରାମ୍ୟ କୃଷି ଅଧିକାରୀ ଶିଶିର କୁମାର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ତଥା ପୂର୍ବତନ ସରପଞ୍ଚ ରାଜନ୍ ପ୍ରସାଦ ଆଟୋଇଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇ ତାଲିମ୍ ଗ୍ରହଣ କରିଥିଲେ ।



## ପ୍ରଧାନମନ୍ତ୍ରୀଙ୍କ ନିରାମୟ ଜୀବନ କାମନା କରି ଦୀପଦାନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ରମାଗତ ଭାବେ ଦୀର୍ଘ ୧୨ ବର୍ଷ ଧରି ରାଷ୍ଟ୍ରର ସେବା କରିବା ସହ ଭାରତର ସବୁଠାରୁ ଦୀର୍ଘ ସମୟ ନିରନ୍ତର କାର୍ଯ୍ୟ କରିଥିବାରୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ସାମୂହିକ ପ୍ରାର୍ଥନା ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପୌରପରିଷଦ ଅନ୍ତର୍ଗତ ଶ୍ରୀ ଶ୍ରୀ ଲୋକେଶ୍ୱର ଦେବଙ୍କ ପୀଠରେ ନିରନ୍ତର ସେବା ଜାରି ରଖିବା ନିମନ୍ତେ ସମୂହ ଦୀପଦାନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରାଯାଇଥିଲା । ସେହିପରି ଦେଶ ମାତୃକାର କଲ୍ୟାଣ ସାଧନ କରିବା ସହ ଜନସେବା ଓ ରାଷ୍ଟ୍ର ଗଠନର ମହାନ ଦାୟିତ୍ୱକୁ ସଫଳତାର ସହ ଆଗକୁ ନେବା ପାଇଁ ଠାକୁରଙ୍କ ନିକଟରେ ଦୀପ ଜାଳି ଶତାଧିକ ମହିଳା କାମନା କରିଥିଲେ । ଏହି ପ୍ରାର୍ଥନା ଓ ଦୀପଦାନ କାର୍ଯ୍ୟକ୍ରମରେ ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ଜିଲ୍ଲା ବିଜେପି ଉପ ସଭାପତି ଦିଲ୍ଲୀପ ହୋତାଙ୍କ ସମେତ ମହିଳା, ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଠାକୁରଙ୍କ ନିକଟରେ ଦୀପଦାନ କରିଥିଲେ ।

## ଦିବ୍ୟାଙ୍ଗ ସାବିତ୍ରୀଙ୍କୁ ଏପର୍ଯ୍ୟନ୍ତ ମିଳିଲାନି ଭତ୍ତା



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୱାର୍ଡନଂ ୨୬ରେ, ଏକ ଆଦିବାସୀ ବସ୍ତିରେ ସାବିତ୍ରୀ ଦାସ ରହିଆସୁଛନ୍ତି । ଆଜକୁ ୯ ବର୍ଷ ତଳେ ସାବିତ୍ରୀ ଦିନ ମଜୁରିଆ କାମ କରିବାକୁ ଟ୍ରେନ୍‌ରେ ଯାଇଥିଲେ । ଟ୍ରେନ୍‌ରେ ଭିଡ ଥିଲା । ଏକ ଅଜଣା ଲୋକ ଧକ୍କା ମାରିବାରୁ ଟ୍ରେନ୍‌ରୁ ଖସିପଡ଼ି ଗୋଟିଏ ଗୋଡ କଟିଯାଇଥିଲା । ସେତେବେଳେ ସମାଜସେବୀ ରାଜେଶ କୁମାର ରାଉତ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସାବିତ୍ରୀଙ୍କ ରାସନ୍ କାର୍ଡ, ଦିବ୍ୟାଙ୍ଗ କାର୍ଡ, ପ୍ଲାଷ୍ଟିକ୍ ଗୋଡ କରାଇ ଦେଇଥିଲେ । କିନ୍ତୁ ଦୁଃଖର ବିଷୟ ଆଜକୁ ୯ ବର୍ଷ ହେବ ସାବିତ୍ରୀ ଗୋଟିଏ ଗୋଡ ସମ୍ପୂର୍ଣ୍ଣ କଟିଯିବା ପରେ ଭତ୍ତାଟିଏ ପାଇଁ ସାବିତ୍ରୀ ବହୁବାର ପୌରପରିଷଦ କାର୍ଯ୍ୟାଳୟ ଦୌଡି ଦୌଡି ଭତ୍ତା ଆବେଦନ କରିବା ପରେ ମଧ ଭତ୍ତାଟିଏ ହୋଇପାରିନାହିଁ । ଦିବ୍ୟାଙ୍ଗ କାର୍ଡରେ ୭୦% ଦିବ୍ୟାଙ୍ଗ ଲେଖାଅଛି । ପ୍ରଶାସନକୁ ଅନୁରୋଧ ୭୦% ପରିବର୍ତ୍ତେ ୮୦% ସଂଶୋଧନ କରାଇଦିଆଯାଉ । ୩୫୦୦ ଟଙ୍କା ଦିବ୍ୟାଙ୍ଗ ଭତ୍ତା ଏବଂ କୃତ୍ରିମ ଗୋଡ ଯୋଗାଇଦେବାକୁ କ୍ଲବ୍ ୟୁଥ୍ ମାସର ସମାଜସେବୀ ରାଜେଶ୍ କୁମାର ରାଉତ, ପ୍ରକାଶ କୁମାର ଜେନା ଦାବି କରିଛନ୍ତି ।

## ଧର୍ମଶାଳା ବିଜେଡ଼ିର ନୂଆ ବ୍ଲକ କମିଟି ଗଠିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବିଜୁଜନତା ଦଳକୁ ତୃଣ ମୂଳ ସ୍ତରରେ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ସାମଲ ଧର୍ମଶାଳା ବ୍ଲକ ପାଇଁ ୩୨ ଜଣିଆ କମିଟି ଗଠନ କରିଛନ୍ତି । ପୂର୍ବରୁ ସଭାପତି ଥିବା ପ୍ରସନ କୁମାର ରାଉତ ସଭାପତି ଅଛନ୍ତି । ଯୁବ ସଂଗଠକ ସୁବ୍ରତ ଧଳଙ୍କୁ କାର୍ଯ୍ୟକାରୀ ସଭାପତି, ପଞ୍ଚାନନ ରାଉତ, ମନୋରଞ୍ଜନ ପ୍ରଧାନ, ରବୀନ୍ଦ୍ର କୁମାର ନାୟକ ଉପସଭାପତି ଓ ସାଧାରଣ ସମ୍ପାଦକ ଭାବେ ଅଭିନ୍ନମଲିକ, ସ୍ୱରାଜ ଜେନା, ଅଭୟ କୁମାର ସାମଲ, ନିରଞ୍ଜନ ସାମଲ ଓ କାର୍ତ୍ତିକ ମଲ୍ଲିକ ଅଛନ୍ତି । କମିଟିରେ ୭ଜଣ ସମ୍ପାଦକ ଥିବାବେଳେ ରଶ୍ମିରଞ୍ଜନ କର କୋଷାଧକ୍ଷ ଅଛନ୍ତି । ସୋସିଆଲ ମିଡ଼ିଆ ଦାୟିତ୍ୱରେ ଅଭିମନ୍ୟୁ ସାମଲ ଅଛନ୍ତି । ସମସ୍ତ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ସ୍ୱାଗତ କରିଛନ୍ତି ।

# ଖରାଛୁଟି ସରିବାକୁ ବସିଲାଣି ମିଳିନି ବହି:ଚିନ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଗ୍ରୀଷ୍ମକାଳୀନ ଛୁଟି ଅଧା ସରିଲାଣି । ଛାତ୍ରଛାତ୍ରୀ ବହି ନଥିବାରୁ ଘରେ ହାତ ବାନ୍ଧି ବସିଛନ୍ତି । ପାଠ ପଢା ଆଗେଇ ପାରୁନାହିଁ । ଛୁଟି ଖୋଲିବାକୁ ଛାତ୍ର ଛାତ୍ରୀ ଚାହିଁ ବସିଛନ୍ତି । ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି । ବହି ବଦଳିବା ପରେ ନୂଆ ବହି ଆସିନଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି । ଏଯାବତ୍ କୋରାପୁଟ ଜିଲ୍ଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର, ଲମତାପୁଟ, କୋଟପାଡ, ପଟାଙ୍ଗୀ ବ୍ଲକର ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି । ସୂଚନା ମୁତାବକ, ପ୍ରତିବର୍ଷ ଗ୍ରୀଷ୍ମ ଛୁଟି ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥାଏ । ଯଦି କେହି ବହି ନପାଇଥାନ୍ତି ତେବେ ପୂର୍ବବର୍ଷ ବହି ସଂଗ୍ରହ କରି ଗ୍ରୀଷ୍ମ ଛୁଟିରେ ପାଠ ପଢା ଜାରି ରଖିଥାନ୍ତି । ପ୍ରାୟ ଦୁଇ ମାସ ଛୁଟି ରହୁଥିବାରୁ ଏହି ସମୟରେ ଛାତ୍ରଛାତ୍ରୀ କିଛି ପାଠ ସାରିଦେଇଥାନ୍ତି । ଅପ୍ରେଲ ମାସରେ ପଢା ହୋଇଥିବା ପାଠକୁ ମଧ ପୁନରାବୃତ୍ତି କରିଥାନ୍ତି । ଫଳରେ ବିଦ୍ୟାଳୟ ଖୋଲିବା ପରେ ପାଠ ପଢା ଆଗେଇ ନେବା ପାଇଁ ସେମାନଙ୍କୁ ସହଜ ହୋଇଥାଏ । ଚଳିତ ଥର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ବଦଳିଛି । ନୂଆ ଢଙ୍ଗରେ ସମସ୍ତ ବହି ଆସିଛି । ମାତ୍ର ଏଯାବତ୍ ସମସ୍ତ ବହି ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ଯେଉଁଥି ପାଇଁ ବହି ଆବଶ୍ୟକ । ମାତ୍ର ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି । ବିଶେଷ କରି ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ମାତ୍ର ତିନି- ଚାରି ଖଣ୍ଡ ବହି ପାଇଛନ୍ତି । ସେହିପରି ଖୁବ୍‌ଶୀଘ୍ର ସମସ୍ତ ଛାତ୍ରଛାତ୍ରୀଙ୍କ ନିକଟରେ ବହି ପହଞ୍ଚାଇବା ବ୍ୟବସ୍ଥା କରାଯିବାକୁ ଅଭିଭାବକ ମହଲରେ ଦାବି ହୋଇଛି ।



## କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁରରେ ସହରରେ କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ଭଙ୍ଗା ଘର, ମାଟି ଛପର ଓ ଟିଣ ଛପର ଘରେ ବସବାସ କରୁଥିବା ସହରର ବିଭିନ୍ନ ୱାର୍ଡରେ ପୌରପରିଷଦ ପକ୍ଷରୁ ପଲିଥିନ୍ ବଣ୍ଟନ କରାଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ସୋନପୁର ପୌରପରିଷଦର ୱାର୍ଡ ନଂ ୧୧ ବନ୍ଧପଡ଼ା ଠାରେ ପୌର ପରିଷଦ ପ୍ରଦତ୍ତ ୩୫ ଗୋଟି ପଲିଥିନ୍ ଭାଜପା ସୋନପୁର ନଗର ମଣ୍ଡଳ ଦ୍ୱାରା ବଣ୍ଟନ କରାଯାଇଛି । ବିଜେପି ମହିଳା ମୋର୍ଚ୍ଚା ନଗର ସଭାପତି ହେମଲତା ବକ୍ସି, ବୁଥ୍ ସଭାପତି ଉତ୍ତମ ନାଏକ, ମଣ୍ଡଳ ସାଧାରଣ ସମ୍ପାଦକ ଦାଶରଥୀ ମେହେର, ବରିଷ୍ଠ କାର୍ଯ୍ୟକର୍ତ୍ତା ଦୀପକ ମହାପାତ୍ର ୧୧ ନଂ ୱାର୍ଡ ବସ୍ତି ଅଞ୍ଚଳକୁ ପହଞ୍ଚି କ୍ଷତି ଘଟିଥିବା ଭଙ୍ଗା ମାଟି ଘର ସବୁ ବୁଲି ଦେଖିଥିଲେ । ୩୫ରୁ ଉର୍ଦ୍ଧ୍ୱ ଘରକୁ ପଲିଥିନ୍ ବଣ୍ଟନ କରିଥିଲେ । ଏହା ସହିତ ୱାର୍ଡ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବାର୍ଦ୍ଧକ୍ୟ ଭତ୍ତା, ଜାଗା ମିଶନରେ ଜମିପଟ୍ଟା, ଆବାସ ଘର ନିର୍ମାଣର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ପୌରପରିଷଦ ଜରିଆରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।





## ମୟୂରଭଞ୍ଜ ଜିଲ୍ଲାରେ ୧୭ ଜଣଙ୍କୁ 'ପ୍ରକୃତି ବନ୍ଧୁ' ଓ 'ପ୍ରକୃତି ମିତ୍ର' ପୁରସ୍କାର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ବାରିପଦା ବନଖଣ୍ଡ କାର୍ଯ୍ୟାଳୟର ସଂକଳ୍ପ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ପୂର୍ବତନ ଲୋକାଯୁକ୍ତ ତଥା ପିସିସିଏଫ ଦେବବ୍ରତ ସ୍ୱାଇଁ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଉପ ନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର, ଜିଲ୍ଲା ପରିବେଶ ସମିତିର ଉପସଭାପତି ଡ. ବିଜୟ ଅଗ୍ରୱାଲ ପରିବେଶ ସମିତିର ଯୁଗ୍ମ ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ଓ ପରିବେଶବିତ ହରିହର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷିତ ନରହିଲେ ସମ୍ପୂର୍ଣ୍ଣ ଜୀବଜଗତ ଦିନେ ଲୋପ ପାଇଯିବ ବୋଲି କହିଥିଲେ । ଏହି ଅବସରରେ ପରିବେଶକୁ ନେଇ କରାଯାଇଥିବା ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପରିବେଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜିଲ୍ଲାର ୧୭ ଜଣ ବ୍ୟକ୍ତିଙ୍କୁ ପ୍ରକୃତି ବନ୍ଧୁ ଓ ୧୭ଟି ସ୍କୁଲ, ବନ ସୁରକ୍ଷା ସମିତି, ସ୍ୱେଚ୍ଛାସେବୀ ସଙ୍ଗଠନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୂର୍ବାହ୍ନରେ ବାରିପଦା ଠାରେ ଏକ ପରିବେଶ ସଚେତନତା ଶୋଭାଯାତ୍ରା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଅତିଥିଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇଥିବା ବେଳେ ଛାତ୍ରଛାତ୍ରୀ, ବନସୁରକ୍ଷା ସମିତିର ସଦସ୍ୟ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ୍ ଥିଲେ । ଶେଷରେ ଏସିଏଫ ମେହେରବାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛତ୍ରପୁର ମ୍ୟୁନିସିପାଲିଟି ଅଧକ୍ଷାଙ୍କ ପରଲୋକ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ମ୍ୟୁନିସିପାଲିଟି ଅଧକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲ୍‌ରେ ପରଲୋକ ଘଟିଛି । ସେ ଦୀର୍ଘ ଏକ ମାସ ହେବ ଅସୁସ୍ଥତା ଥିବା ହେତୁ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କର ସ୍ୱାମୀ ସମାଜସେବୀ କେ. ଚନ୍ଦ୍ରଶେଖର ରେଡି ଓ ଏକମାତ୍ର ପୁତ୍ର ରହିଛନ୍ତି । ସେ ବିଜେପି ଦଳ ପକ୍ଷରୁ ଛତ୍ରପୁର ଏନ୍ଏସିର ଅଧକ୍ଷା ରୂପେ ନିର୍ବାଚିତ ହୋଇଥିଲେ । ସେ ଜଣେ ପରୋପକାରୀ, ଧର୍ମପରାୟଣ ଓ ସମାଜସେବୀ ମହିଳା ଥିଲେ । ତାଙ୍କର ବିୟୋଗରେ ଛତ୍ରପୁର ସହରରେ ଶୋକର ଛାୟା ଖେଳିଯାଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୌରପାଳିକା ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ସମେତ ସମସ୍ତ କାଉନସିଲର, ସହରର ବୁଦ୍ଧିଜୀବୀମାନେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି ।

# ଶ୍ରୀ ଜଗନ୍ନାଥଙ୍କ ସେବାରେ ଦମ୍ପତି:୧୬ ବର୍ଷ ହେଲା ଶ୍ରୀମନ୍ଦିର ପଠାଉଛନ୍ତି ବାଡ଼ିର ଫୁଲ ଓ ତୁଳସୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୁରୀ ଯିବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଥିଲା ନିୟମିତ । ପ୍ରତ୍ୟେକ ସୋମବାର, ମାସନ୍ତ, ସଂକ୍ରାନ୍ତି ଏବଂ ବିଭିନ୍ନ ପର୍ବପର୍ବାଣୀରେ ଶ୍ରୀଜିଉ ଦର୍ଶନ କରନ୍ତି । ଏଥିପାଇଁ ପୁରୀରେ ଭଡ଼ା ଘରଟିଏ ମଧ ନେଲେ । ସବୁବେଳେ ଭାବନ୍ତି ଆମେ ପୁରୀ ଯାଉଛୁ, ଦର୍ଶନ କରୁଛୁ, ପ୍ରସାଦ ପାଉଛୁ କିନ୍ତୁ ତାଙ୍କୁ ଦଉଛୁ କଣ । ସେତେବେଳେ ବାଡ଼ିରେ ଫୁଟିଥିଲା ଭଳିକି ଭଳି ଫୁଲ । ତୁଳସୀ ବି ପ୍ରଚୁର ଥିଲା । ମନହେଲା ପ୍ରଭୁଙ୍କ ପାଖକୁ ବାଡ଼ିର ଫୁଲ ଓ ତୁଳସୀ ପଠାଇବେ । ପ୍ରଥମେ ପ୍ରଥମେ ସେ ଗଲାବେଳେ ଫୁଲ ଓ ତୁଳସୀ ନେଇଯାଉଥିଲେ । ତାପରେ ନିୟମିତ ଟ୍ରେନ୍‌ରେ ଏବଂ ପରେ ବସ୍‌ରେ ପଠାଉଛନ୍ତି ବୋଲି କହନ୍ତି ଦମ୍ପତି ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଓ ଭାବନା ମହାପାତ୍ର । ବ୍ରହ୍ମପୁର ଭାବାନଗର ତୃତୀୟ ଲାଇନ୍‌ର ବାସିନ୍ଦା ମହାପାତ୍ର ଦମ୍ପତିଙ୍କ କହିବା କଥା ୨୦୧୦ ରୁ ୧୬ ବର୍ଷ ହେଲା ନିରନ୍ତର ତାଙ୍କ ବଗିଚାର ଫୁଲ ଶ୍ରୀମନ୍ଦିର ଯାଏ । କୋଭିଡ୍ ସମୟରେ ଟ୍ରେନ୍ ଚଳାଚଳ ବନ୍ଦ ବେଳେ ଏହା ଅନିୟମିତ ହେଲା । ତାପରେ ବ୍ରହ୍ମପୁରରୁ ପୁରୀ ସିଧାସଳଖ ବସ୍ ଚାଲିଲା । ଏବେ ବସ୍‌ରେ ପଠାଯାଉଛି । କାଁ ଭାଁ ବସ୍ ସମସ୍ୟା ବା ବାଡ଼ିରେ ଫୁଲ ନ ଫୁଟିଲେ ଯାଇପାରେନାହିଁ । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ନିକଟ ବଙ୍କା ଗାଁର ମୂଳବାସିନ୍ଦା ରାଜେନ୍ଦ୍ର ଓ ଭାବନା । ବାପା ଥିଲେ ତତ୍‌କାଳୀନ ଜମିଦାର । ୧୯୬୪ରେ ବ୍ରହ୍ମପୁର ଆସିବା ପରେ ୧୯୬୫ରେ ଆରମ୍ଭ ହୁଏ ଟ୍ରାନ୍ସପୋର୍ଟ ବ୍ୟବସାୟ । ଶ୍ରୀ ମହାପାତ୍ର ଓ ଭାବନା ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରନ୍ତି । ପୂର୍ବରୁ ନିୟମିତ ପୁରୀ ଗଲାବେଳେ ସେଠାରେ ନୀଳାଞ୍ଚଳ ଉପବନରେ କିଛି ସେବକଙ୍କୁ ମହାପ୍ରଭୁଙ୍କ ପାଇଁ ଫୁଲ ଗୁନ୍ଥିବା ଦେଖୁଥିଲେ । ସେହି ଦୃଶ୍ୟ ତାଙ୍କୁ ପ୍ରେରିତ କରିଥିଲା । ଘର ପାଖରେ ଥିବା ଗୋଟିଏ ଜମି କିଣିଥିଲେ । ସେଠାରେ ବହୁ କିସମର ଫୁଲ ଗଛ, ତୁଳସୀ ଲଗାଇଥିଲେ । ଫୁଲ ବି ପ୍ରଚୁର ଫୁଟିଥିଲା । ଭାବନାଙ୍କ କହିବା ପ୍ରକାରେ ବଗିଚାରୁ ବହୁଳ ମାତ୍ରାରେ ଫୁଲ ବାହାରିବା ପରେ ତାଙ୍କର ଶ୍ରୀମନ୍ଦିର କଥା ମନକୁ ଆସିଥିଲା । ସେମାନେ ନୀଳାଞ୍ଚଳ ଉପବନରେ ମହାପ୍ରଭୁଙ୍କ ପାଇଁ ଫୁଲ ଗୁନ୍ଥୁଥିବା କିଛି ସେବକଙ୍କୁ ଯୋଗଯୋଗ କରି ବଗିଚାରୁ ବାହାରୁଥିବା ଫୁଲ ଓ ତୁଳସୀ ଦେଇଥିଲେ । ମହାପ୍ରଭୁଙ୍କ ଫୁଲମାଳ ଚଢ଼ାଇ ବଡ଼ସିଂହାର ବେଶ କରାଯାଏ । ବଡ଼ସିଂହାର ବେଶ ଦେଖି ମନକୁ ବେଶ୍ ତୃପ୍ତି ମିଳିଥିଲା । ଆଉ ୨୦୧୦ ପର ଠାରୁ ଯେତେ ଯାହା ହେଲେ ବି ଶ୍ରୀମନ୍ଦିରକୁ ଫୁଲ ପଠାଯାଉଛି । ଫୁଲ ତୁଳସୀ ସହ କଦଳୀ ପଟ ଓ ପଣସ ପତ୍ର ମଧ ତାଙ୍କ ବଗିଚାରୁ ଯାଏ । ଏପରିକି ବଗିଚାରେ ଲାଗିଥିବା ଏକ ଚନ୍ଦନ ଗଛ ଭାଙ୍ଗିଯିବା ପରେ ସେ ତାହାକୁ ଶ୍ରୀମନ୍ଦିରକୁ ସମର୍ପିତ କରିଛନ୍ତି । ବଗିଚାରେ ସୁବର୍ଣ୍ଣ ଚମ୍ପା, ପାଞ୍ଚ ପ୍ରକାର ଗୁମ୍ଫା ଫୁଲ, ଅର୍କିଡ୍, ମଲ୍ଲି, ସେବତୀ, ଗୋଲାପ, ଇଟିମଳା, ହୀରା ମଖମଲ୍ଲି, ରଙ୍ଗଣୀ, କାଗଜଫୁଲ, ଇୟୁନିଆ, ଆରବେରିଆ ସହ ଅନେକ ପ୍ରକାର ଦେଶୀ ବିଦେଶୀ ଫୁଲ ଗଛ ରହିଛି । ବଗିଚାରେ ଅନେକ ଔଷଧୀୟ ଗୁଳ୍ମ ସହ ଡାଲଚିନି ଗଛ ବି ରହିଛି । ଦମ୍ପତି ଶାକାହାରୀ । ବୟସ ଷାଠିଏ ଉପରାନ୍ତ । ପୁଅ-ବୋହୂ ଏବଂ ଝିଅ-ଜ୍ୱାଇଁ ସମସ୍ତେ ବାଙ୍ଗାଲୁରୁରେ । ଦମ୍ପତିଙ୍କ କହିବା ଅନୁସାରେ, ବଗିଚାରେ ଫୁଲ ଫୁଟିଲେ ମନ ଖୁସି ହୁଏ । ଆଉ ଏହା ଶ୍ରୀଜଗନ୍ନାଥଙ୍କୁ ଲାଗି ହେଲେ ପ୍ରାଣକୁ ଶାନ୍ତି ମିଳେ । ବ୍ରହ୍ମପୁର ସହରରେ ଏକ ବଡ଼ ଜମି, ତାହା ପୁଣି କେବଳ ବଗିଚା କରାଯାଇଛି । ଯେତେଦିନ ରହିବେ ଏମିତି ମହାପ୍ରଭୁଙ୍କ ସେବାରେ ଜୀବନ ବିତାଯାଉ ବୋଲି କହିଛନ୍ତି । ଘର କାମ ପରେ ବଳକା ସମୟ ଉଭୟେ ବଗିଚା କାମରେ ଦିଅନ୍ତି । ଋତୁ ଅନୁସାରେ ଫୁଲ ଗଛ ଚାରା ଲଗାଇବା, ଭୋର୍ ସମୟରେ ଉଠି ଫୁଲ ତୋଳିବା ଏବଂ ତାକୁ ବସ୍‌ରେ ଶ୍ରୀମନ୍ଦିର ପଠାଇବା ବ୍ୟବସ୍ଥା ନିଜେ କରିଥାନ୍ତି ।





# ୧୫ ଦିନ ହେଲା ଅନ୍ଧାରରେ ୧୪ ଗାଁ:ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଅଞ୍ଚଳବାସୀ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଶଗଡା ପଞ୍ଚାୟତର ୧୪ ଖଣ୍ଡ ଗାଁ ଗତ ୧୫ ଦିନ ଧରି ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି । କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ଲାଇନ୍ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି କାମ ସମ୍ପୂର୍ଣ୍ଣ ହୋଇନଥିବାରୁ ଗ୍ରାମବାସୀମାନେ ଅନ୍ଧାରରେ ଦିନ କାଟୁଛନ୍ତି। ଏନେଇ କ୍ଷୋଭ ପ୍ରକାଶ କରି ଉପଭୋକ୍ତାମାନେ ଟିପିଏସ୍ଓଡିଏଲ୍ ବାଉଁଶୁଣୀ ସେକ୍ସନ୍ କାର୍ଯ୍ୟାଳୟ ଘେରାଉ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗତ ୧୫ ଦିନ ପୂର୍ବେ ହୋଇଥିବା କାଳବୈଶାଖୀ ଝଡ଼ରେ ଶଗଡା ପଞ୍ଚାୟତର ବାରକୁଥୁଲ, ରାଇଣ୍ଡା, ଦରୁକୁପା, ଚନ୍ଦେର, ଆଦେଶିଂ, ଦୁଟେଶର, ନଳିକୁମ୍ଭା, ସସ୍କପଦର ସମେତ ପ୍ରାୟ ୧୪ଟି ଗ୍ରାମର ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଏହା ପରଠାରୁ ଗ୍ରାମବାସୀମାନେ ବାରମ୍ୱାର ବିଦ୍ୟୁତ୍ ବିଭାଗକୁ ଅବଗତ କରିଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଦୀର୍ଘଦିନ ଧରି ବିଦ୍ୟୁତ୍ ନଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକରାଯିବାରୁ କ୍ଷୁବ୍ଧ ଉପଭୋକ୍ତାମାନେ ବାଉଁଶୁଣୀ ସେକ୍ସନ୍ କାର୍ଯ୍ୟାଳୟ ଘେରାଉ କରିବା ସହ କନିଷ୍ଠଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀମାନେ ତୁରନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଦାବି କରିଥିବାବେଳେ, ଅନ୍ୟଥା ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ବିଭାଗୀୟ ଅଧିକାରୀ ତିନି ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯାଇ ସମ୍ପୃକ୍ତ ଗ୍ରାମଗୁଡ଼ିକୁ ପୁନର୍ବାର ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାସରେ ପଡ଼ି ଯୁବକଙ୍କ ମୃତ୍ୟୁ:୬ ଗିରଫ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**



ବନ୍ୟପ୍ରାଣୀ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ଫାସରେ ଜଣେ ନିରୀହ ଯୁବକଙ୍କ ଜୀବନ ଯାଇଛି। ଏହି ମାମଲାରେ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜଣେ ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟକୁ ଫରୱାର୍ଡ କରାଯାଇଛି। ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ନାନ୍ଦୁପଲା ପଞ୍ଚାୟତର କୁଠୁର୍ଲା ଗ୍ରାମର ଗଦାଧର ମଲ୍ଲିକ (୩୩) ଗତ ଗୁରୁବାର ରାତିରେ ଗ୍ରାମ ନିକଟସ୍ଥ ଛୋଟିଆ କେନାଲକୁ ମାଛ ଧରିବାକୁ ଯାଇଥିଲେ। ସେହି ସମୟରେ ବାରହା ଶିକାର ଉଦ୍ଦେଶ୍ୟରେ କିଛି ଦୁର୍ବୃତ୍ତ ଟ୍ରାନ୍ସଫର୍ମରରୁ ବେଆଇନ୍ ଭାବେ ବିଦ୍ୟୁତ୍ ସଂଯୋଗ କରି ଜମି ନିକଟରେ ଫାସ ପକାଇଥିଲେ । ସେହି ବିଛାଯାଇଥିବା ତାରରେ ନିରିହ ଯୁବକ ଫସି ଯାଇ ବିଦ୍ୟୁତ ଆଘାତ ପାଇ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ଅନୁସାରେ, ଘଟଣା ପରେ ଦୋଷୀମାନେ ନିଜ ଅପରାଧ ଲୁଚାଇବା ପାଇଁ ଗଦାଧରଙ୍କ ମୃତଦେହକୁ ପ୍ରାୟ ୨ରୁ ୩ କିଲୋମିଟର ଦୂର ଜଙ୍ଗଲ ଭିତରକୁ ନେଇ ପୋତି ଦେଇଥିଲେ। ଖବରପାଇ ଖପ୍ରାଖୋଲ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ଉପସ୍ଥିତିରେ ପଥର ତଳେ ପୋତାଯାଇଥିବା ମୃତଦେହକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏହି ଘଟଣାକୁ ନେଇ ଖପ୍ରାଖୋଲ ଥାନାରେ କେସ୍ ନଂ- ୧୧୬/୨୬ ରୁଜୁ କରି ତଦନ୍ତ ପରେ ପୋଲିସ ରାଜେଶ ଭୁଏ, ଦୀନବନ୍ଧୁ ବରିହା, ଡିଲେଶ୍ୱର ଭୁଏ, କୃଷ୍ଣ ଭୁଏ, ଦୟାନିଧି ଭୁଏ ଓ ନାବାଳକ ସୁନୀଲ ମଲ୍ଲିକଙ୍କୁ ଗିରଫ କରିଥିଲା। ଏଥିମଧ୍ୟରୁ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକ ସୁନୀଲ ମଲ୍ଲିକଙ୍କୁ ଜୁଭେନାଇଲ୍ କୋର୍ଟକୁ ଫରୱାର୍ଡ କରାଯାଇଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ଗଦାଧର ମଲ୍ଲିକଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ କୁନି ଝିଅ ବେସାହାରା ହୋଇପଡ଼ିଥିବା ବେଳେ, ପରିବାରକୁ ଯଥୋଚିତ କ୍ଷତିପୂରଣ ଏବଂ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ପଟ୍ଟାମୁଣ୍ଡାଇରେ ଶିଶୁ ବିକାଶ ଯୋଜନା ଦିଗହରା:ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ସରପଞ୍ଚ ସଂଘ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକରେ ମହିଳା ଓ ଶିଶୁ ବିକାଶ ଯୋଜନା ଦିଗହରା ହୋଇଯାଇଥିବା ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ସରପଞ୍ଚମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଶିଶୁ ଓ ଗର୍ଭବତୀ ମହିଳାଙ୍କ ଅପପୃଷ୍ଟି ଖାଦ୍ୟ ଦିଆଯାଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ସେଠୀ, ପ୍ରିୟବ୍ରତ ଓଝା, ସସ୍ମିତା ସେଠୀ, ଅନିଲ୍ କୁମାର ଲେଙ୍କା, ଦେବବ୍ରତ ନାୟକ, ସଂଗ୍ରାମ ବାରିକ, ବନଜ ସେଠୀ, ଦମୟନ୍ତୀ ସାମନ୍ତରାୟ, ନରେଶ ଚନ୍ଦ୍ର ମଲ୍ଲିକ, କୁନି ସିଂ ପ୍ରମୁଖ ସରପଞ୍ଚମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ଲୋକଙ୍କ ସରକାର ମହିଳା ଓ ଶିଶୁ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ସହିତ ଅପପୃଷ୍ଟି ଜନିତ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ସରକାରଙ୍କର ମହିଳା ଓ ଶିଶୁ ଓ ବିକାଶ ଯୋଜନା ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଦିଗହରା ହୋଇଛି। ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତ ଓ ପୌରାଞ୍ଚଳର ୨୧ ଗୋଟି ୱାର୍ଡର ୨୭୮ଟି ଅଙ୍ଗନୱାଡି କେନ୍ଦ୍ରରେ ପ୍ରାୟ ୧୦ ହଜାର ଶିଶୁ, କିଶୋରୀ ଓ ପ୍ରସୂତୀ ମହିଳାଙ୍କର ପୃଷ୍ଟିକର ଶୁଖିଲା ଖାଦ୍ୟ (ଛତୁଆ) ପ୍ରଦାନ କରାଯାଉଛି। ଏହି କ୍ରମରେ ପ୍ରସୂତୀ ମହିଳା ପାଇଁ ୫ କେଜି ଓ ଶିଶୁ ଏବଂ କିଶୋରୀ ମାନଙ୍କ ପାଇଁ ପ୍ରତି ମାସରେ ୨.୫ କେ.ଜି ଶୁଖିଲା ଖାଦ୍ୟ ଦେବା ପାଇଁ ସରକାରୀ ବିଧି ବ୍ୟବସ୍ଥା ରହିଛି। ଏହି ଶୁଖିଲା ଖାଦ୍ୟ ପ୍ୟାକେଟ୍ ପୂର୍ବରୁ ମାନ ପରୀକ୍ଷା ପାଇଁ ମାତୃ କମିଟି ଓ ଯାଞ୍ଚ କମିଟି ଦ୍ୱାରା ବିଧିବଦ୍ଧଭାବେ ଯାଞ୍ଚ ପରେ ବଣ୍ଟନ ବ୍ୟବସ୍ଥା ରହିଛି। ମାତ୍ର ତା ପଟ୍ଟାମୁଣ୍ଡାଇ ଓ ପୌରାଞ୍ଚଳରେ ଉଲ୍ଲଂଘନ କରାଯାଇଛି । ଏଠାରେ ଉଭୟ କମିଟିର ସଦସ୍ୟମାନଙ୍କୁ ବାଦ୍ ଦେଇ ପଟ୍ଟାମୁଣ୍ଡାଇ ସିଡିପିଓ ମନମୁଖୀ ଭାବେ ସରକାରୀ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରି ନିମ୍ନମାନର ଓ କମ୍ ଓଜନର ଖାଦ୍ୟ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରରେ ଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ପରୀକ୍ଷାଗାର ଏହି ସଂସ୍ଥା ଛତୁଆର ମାନ ପରୀକ୍ଷା କରି ୩୧.୧୦.୨୦୨୫ ତାରିଖ ଚିଠି ନମ୍ବର-୨୫୮୨ରେ ନିମ୍ନମାନର ଛତୁଆ ବୋଲି ରିପୋର୍ଟ ଦେଇଥିଲେ ମଧ୍ୟ ବିଡିଓ ଓ ସିଡିପିଓ ଆଖି ବୁଜି ଦେଇଛନ୍ତି। ବ୍ଲକରେ ଛତୁଆ ଯୋଗାଉଥିବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ତାଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ସରପଞ୍ଚମାନେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ଆସନ୍ତା ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ସମସ୍ତ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଜିଲ୍ଲାପାଳଙ୍କ ନିକଟରେ ଚେତାବନି ଦେଇଛନ୍ତି। ଏ ନେଇ ସରପଞ୍ଚ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, କେନ୍ଦ୍ରାପଡା ଓ ରାଜନଗର ବିଧାୟକ, ରାଜ୍ୟ ମହିଳା, ଶିଶୁ ବିକାଶ ସଚିବ ଓ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

# ୧୮ରୁ ଟେବୁଲ୍ ଟପ୍ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଟେବୁଲ୍ ଟପ୍ ଅଭ୍ୟାସ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ- ୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଡଃ ନୃପରାଜ ସାହୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ ବିପର୍ଯ୍ୟୟ ମୁକାବିଲା ପାଇଁ ଆସନ୍ତା ଜୁନ୍ ୧୮ ଓ ୧୯ ତାରିଖରେ ହେବାକୁ ଥିବା ଅଭ୍ୟାସ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକକୁ ଡେପୁଟି କଲେକ୍ଟର (ଜରୁରୀ) ରାଜେଶ ସାହୁ ପରିଚାଳନା କରିଥିବା ବେଳେ ବିଶ୍ୱନାଥ ନାୟକ ଆସନ୍ତା ୧୮ ଓ ୧୯ ତାରିଖରେ ହେବାକୁ ଥିବା ଅଭ୍ୟାସର କାର୍ଯ୍ୟସୂଚୀ ଏବଂ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ଉପସ୍ଥାପନା କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ ସେମାନଙ୍କ ପ୍ରତିନିଧିମାନଙ୍କୁ ମଇ ୨୮ ତାରିଖରେ ହୋଇଥିବା କାଳବୈଶାଖୀ ଯୋଗୁ ହୋଇଥିବା କ୍ଷୟକ୍ଷତି ଏବଂ ସେଥିରୁ ଆମେ କେଉଁ ଶିକ୍ଷା ଗ୍ରହଣ କରିପାରିବା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜିଲ୍ଲାର ସାଧାରଣ ନାଗରିକମାନଙ୍କୁ କିଭଳି ତାଲିମ୍ ପ୍ରଦାନ କରାଯାଇ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯାଇପାରିବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ବ୍ଲକ ସ୍ତରରେ ମଧ୍ୟ ସଠିକ୍ ଭାବରେ ପ୍ରସ୍ତୁତି ବୈଠକ ଆୟୋଜନ କରି ଟେବୁଲ୍ ଟପ୍ ଅଭ୍ୟାସ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାର ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବିରେ ରାସ୍ତାରୋକ

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ମୁତାବକ ଡାକ୍ତର ନିଯୁକ୍ତି ଦାବିକରି ସହରାଞ୍ଚଳ ବିକାଶ ପରିଷଦ ପକ୍ଷରୁ କଟକ ଚାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରାଯାଇଥିଲା । ରାସ୍ତାରୋକ ଯୋଗୁ ବସ୍ ଟ୍ରକ୍ ଆଦି ବିଭିନ୍ନ ଯାନବାହାନ ବନ୍ଦ ରହିଥିଲା । ଏହି ବନ୍ଦ ଡାକରାରେ ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ ଆଦି ରାଜନୈତିକ ଦଳ କର୍ମକର୍ତ୍ତାମାନେ ସମର୍ଥନ ଜଣାଇଥିଲେ । ବିଧାୟକ ପ୍ରଶାନ୍ତ ବେହେରା, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ପ୍ରମୁଖ ଏହାକୁ ସମର୍ଥନ ଜଣାଇ ରାସ୍ତା ରୋକରେ ଯୋଗଦେଇଥିଲେ । ପରେ ପୋଲିସ ପହଞ୍ଚି ବୁଝାସୁଝା କରିବାରୁ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ, ଏହା ପୂର୍ବରୁ ଡାକ୍ତର ନିଯୁକ୍ତି ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଧ୍ୟ ଗଣଧାରଣା ଦିଆଯାଇଥିଲା।



# ମହୁଲି ମଦ ଜବତ:୨ ଗିରଫ

**ରାଉରକେଲା, ନ୍ୟୁଜ୍**

ଗତ ୯ ତାରିଖରେ ଅବକାରୀ ଅଧିକ୍ଷକ ଧନେଶ୍ୱର ବରାଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ରାଉରକେଲା ଅବକାରୀ ବିଭାଗ ପକ୍ଷରୁ କାରିଛପଲ, ଅଙ୍କୁରପାଲି, ଟଙ୍କାଟୋଲୀ ଅଞ୍ଚଳରେ ରାଉରକେଲା ଅବକାରୀ, ବୀରମିତ୍ରପୁର ଓ ହାତିବାରୀ ଥାନା ପୋଲିସ, APR ଫୋର୍ସ ମାଜିଷ୍ଟ୍ରେଟ୍ ଦ୍ୱାରା ମିଳିତ ଚଢ଼ଉ କରି ୨ ଗୋଟି Claim କେସ୍ ଏବଂ ୭ ଗୋଟି Unclaim କେସ୍ ମୋଟ୍ ୯ ଗୋଟି କେସ୍ ରୁଜୁ କରାଯାଇଛି । କାରିଛାପଲ ଅଞ୍ଚଳରେ ମୋଟ୍ ୨୨୦ ଲିଟର ବେଆଇନ୍ ମହୁଲି ମଦ ଓ ୧୮,୭୨୦ କିଗ୍ରା ମହୁଲ ପୋଚ ଏବଂ ଅଙ୍କୁରପାଲି ଅଞ୍ଚଳରେ ମୋଟ୍ ୩୦୦ ଲିଟର ବେଆଇନ୍ ମହୁଲି ମଦ ଓ ୧୮,୮୦୦ କିଗ୍ରା ମହୁଲ ପୋଚ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ୨ ଜଣ ଆସାମୀକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ Excise Inspector ମୋହନ ପଧାନ ଓ inspector ହେମନ୍ତ ମହାନନ୍ଦିଆ, SI ମିଳନ ତିର୍କୀ, ASI ବିନୋଦିନୀ ବେହେରା, ବିଦୂତ ଭୂଷଣ ଦାଶ ଓ ଯୁବରାଜ ବାଗ ଓ ଅନ୍ୟାନ୍ୟ ଷ୍ଟାଫ୍ ସାମିଲ୍ ଥିଲେ ।

# ଶିଶୁ ମୃତ୍ୟୁ ହ୍ରାସ ପାଇଁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଦିଗରେ ବିଭାଗୀୟ ଅଧିକାରୀ ଉତ୍ତରଦାୟୀ ରହିବେ ବୋଲି କହିଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର । ଜିଲ୍ଲାସ୍ତରୀୟ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ସମୀକ୍ଷା ବୈଠକ, 'ଷ୍ଟପ୍ ଡାଇରିଆ' ଅଭିଯାନ-୨୦୨୬ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଏବଂ ଆଇପିପିଆଇ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଗତ ଚାରିବର୍ଷର ଶିଶୁ ମୃତ୍ୟୁ ତଥ୍ୟ ସମୀକ୍ଷା କରି ଜିଲ୍ଲାପାଳ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ଶିଶୁ ମୃତ୍ୟୁ ହ୍ରାସ ପାଇଁ କ୍ଷେତ୍ରସ୍ତରରେ ଅଧିକ ସଚେତନତା ଓ ନିୟମିତ ଅନୁଧ୍ୟାନ ଆବଶ୍ୟକ ବୋଲି ସେ କହିଥିଲେ। ପ୍ରତ୍ୟେକ ଆଶା କର୍ମୀ ନିଜ ଅଧୀନରେ ଥିବା ପ୍ରାୟ ୨୦୦ ପରିବାର ସହ ନିବିଡ଼ ଭାବେ ସମ୍ପର୍କ ରଖି ସରକାରୀ ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ମଧ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଓ ସୁପରଭାଇଜରମାନଙ୍କ ଯଥେଷ୍ଟ ତଦାରଖ ଅଭାବରୁ ଅନେକ କ୍ଷେତ୍ରରେ ଲୋକମାନେ ନିୟମିତ ସେବା ପାଇପାରୁନାହାନ୍ତି। କୌଣସି ପ୍ରକାରର ଅବହେଳା କିମ୍ବା ତ୍ରୁଟି ଦେଖାଗଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦାୟିତ୍ୱ ନିର୍ଦ୍ଧାରଣ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ସମସ୍ତ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଓ ମେଡିକାଲ୍ ଅଫିସର-ଇନ୍-ଚାର୍ଜ ମାନଙ୍କୁ ସେ ନିଜ ଟିମ୍‌ର ନେତୃତ୍ୱ ନେଇ ରୋଗୀ ସେବାରେ ଅଧିକ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। "ଜୀବନ ରକ୍ଷା ଆମର ପ୍ରାଥମିକ ଦାୟିତ୍ୱ" ବୋଲି ସେ ମତ ପ୍ରକାଶ କରିଥିଲେ। ବୈଠକରେ ଷ୍ଟପ୍ ଡାଇରିଆ ଅଭିଯାନ-୨୦୨୬ (୧୬ ଜୁନ୍‌ରୁ ୩୧ ଜୁଲାଇ ପର୍ଯ୍ୟନ୍ତ) ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷର ଥିମ୍ ରହିଛି – "ଡାଇରିଆକୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓ.ଆର୍.ଏସ୍. ଉପରେ ରଖିବା ଧ୍ୟାନ।" ଏହି ଅଭିଯାନରେ ପ୍ରତ୍ୟେକ ପରିବାରକୁ ୨ଟି ଓଆର୍ଏସ୍ ପ୍ୟାକେଟ୍, ପ୍ରତ୍ୟେକ ୫ ବର୍ଷରୁ କମ୍ ଶିଶୁ ପାଇଁ ଅତିରିକ୍ତ ୧ଟି ଓଆର୍ଏସ୍ ପ୍ୟାକେଟ୍ ଏବଂ ୨ଟି ଜିଙ୍କ ଟାବ୍‌ଲେଟ୍ ବଣ୍ଟନ କରାଯିବ। ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଓଆର୍ଏସ୍-ଜିଙ୍କ କର୍ଣ୍ଣର ସ୍ଥାପନ ଏବଂ ଦିନକୁ ଅତି କମ୍‌ରେ ଦୁଇଥର ପ୍ରଦର୍ଶନୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ ଏହି ଅଭିଯାନର ସଫଳତା ପାଇଁ ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଞ୍ଚାୟତିରାଜ, ପାନୀୟ ଜଳ ଓ ପରିମଳ ବିଭାଗ, ଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ମଧ୍ୟରେ ସମନ୍ୱିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଆଇପିପିଆଇ ପଲ୍ସ ପୋଲିଓ ରାଉଣ୍ଡ-୨୦୨୬ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୮ ଜୁନ ୨୦୨୬ ତାରିଖରେ ପଲ୍ସ ପୋଲିଓ ବୁଥ୍ ଦିବସ ପାଳନ କରାଯିବ ଏବଂ ଜୁନ୍ ୨୯ ଓ ୩୦ ତାରିଖରେ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ କୌଣସି ଶିଶୁ ଯେପରି ବାଦ୍ ନପଡ଼ନ୍ତି ସେଥିପାଇଁ ଶିକ୍ଷା, ଆଇସିଡିଏସ୍, ପଞ୍ଚାୟତିରାଜ, ପୌରସଂସ୍ଥା ଓ ଅନ୍ୟାନ୍ୟ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ବାଣୀବିହାର ଅଶୀର କାର୍ଯ୍ୟକାରିଣୀ ବୈଠକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଭରତପୁର ସ୍ଥିତ 'ଶରତଙ୍କ ବୈଠକୀ'ରେ ବାଣୀବିହାର ଅଶୀ ଅନୁଷ୍ଠାନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୫ ଜଣ ସଭ୍ୟସଭ୍ୟା ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ଅନୁଷ୍ଠାନର ସଭାପତି ପ୍ରତୀପ ମିଶ୍ର, ସମ୍ପାଦକ ଆଶୁତୋଷ ଦାଶ, ପୂର୍ବତନ ସଭାପତି ଶରତ ଦାଶ, ବରିଷ୍ଠ ସଭ୍ୟ ପରେଶ ମହାନ୍ତି, ଅଜୟ ମିଶ୍ର, ନରହରି ଶିଅଳ, ଧରିତ୍ରୀ ଦ୍ୱିବେଦୀ, ଦୂର୍ଗା ଚରଣ ମଲ୍ଲ, ସଂସାର ବିନ୍ଦୁ ପୃଷ୍ଟି, ପୂର୍ଣ୍ଣ ମିଶ୍ର, ରମେଶ ନାୟକ, ମନୋରଞ୍ଜନ ମିଶ୍ର, ଅଲେଖ ନନ୍ଦୀ, ଘନଶ୍ୟାମ ଓଝା, ପ୍ରଦ୍ୟୋତ ପ୍ରଧାନ, କ୍ଷମାସାଗର ସ୍ୱାଇଁ, ସୁକାନ୍ତ ମହାନ୍ତି, ନିହାରିକା ମିଶ୍ର, ସ୍ୱାଗତିକା ରଥ, ମେନକା ମଲ୍ଲିକ, ଅଞ୍ଜଳି ପଣ୍ଡା, ଶିଶିର ଦାସ ଓ ଅରବିନ୍ଦ ଚଇନି। ବିଭିନ୍ନ ଜନକଲ୍ୟାଣକାରୀ ସେବା କାର୍ଯ୍ୟକ୍ରମ ଜାରି ରଖିବାକୁ ସମସ୍ତେ ଏକମତ ହୋଇଥିଲେ ।

# ୨ ବାଲି ବୋଝେଇ ହାଇୱା ଜବତ




**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଆକ୍ସନ୍ ମୋଡରେ ରାଇଘର ତହସିଲଦାର ମନମୋହନ ସାହୁ। ବେଆଇନ୍ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଡୋଶୀ ରାଜ୍ୟ ଛତିଶଗଡ଼ରୁ ବହୁ ମାତ୍ରାରେ ବାଲି ଆସୁଥିବା ବେଳେ ସୂଚନା ଅନୁସାରେ ରାଇଘର ତହସିଲଦାର ମନମୋହନ ସାହୁ ଶୁକ୍ରବାର ଅପରାହ୍ନ ୪ଟାରେ ଶବ ବ୍ୟବଚ୍ଛେଦ ଗୃହର ନିକଟରେ ବାଲି ବୋଝେଇ ଦୁଇଟି ହାଇୱ୍ୱ ଗାଡି ସିଜ୍ ହୋଇଥିବା ଜଣାପଡ଼ିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୪।୦୬।୨୦୨୬, ଜୈ୍ୟଷ୍ଠ (ମଳ) ଦି୩୧ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୪୫ ଚନ୍ଦ୍ରୋଦୟ- ନିଘ ୪।୫୫।୧୮**
ଚତୁର୍ଦ୍ଦଶୀ ଦିଘ ୧୨।୨୨ ପର୍ଯ୍ୟନ୍ତ। ରୋହିଣୀ ନକ୍ଷତ୍ର ରାଘ ୧୦।୧୫ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଏବଂ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୨।୨୨ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୮ ଗତେ ଦିଘ ୯।୩୭ ମଧ୍ୟେ। ଦିଘ ୧।୨୬ ଗତେ ଦିଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ମାସାନ୍ତ, ପହିଲି ରଜ, ନଷ୍ଟ ଚନ୍ଦ୍ରୋପବାସ।



**ମେଷ:** କର୍ମକ୍ଷେତ୍ରରେ କାର୍ଯ୍ୟହାନୀ ହେତୁ ଚିନ୍ତାଗ୍ରସ୍ତ ହେବେ। ତରବର ଭାବରେ କୌଣସି ପଦକ୍ଷେପ ନେଇ ହଇରାଣରେ ପଡ଼ିପାରନ୍ତି। ରୋଜଗାର ଭଲ ହେବ। ଗୃହେ ଶାନ୍ତି ଲାଭ ହେବ ।



**ବୃଷ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ପିଲାମାନେ ପାଠ ପଢ଼ାରେ ଉନ୍ନତି କରିବେ। ଆୟରେ ଉନ୍ନତି ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପାରିବାରିକ ସୁଖ ଶାନ୍ତି ଲାଭ ହେବ।



**ମିଥୁନ:** ବ୍ୟୟର ପରିମାଣ ବଢ଼ିବ। ଶାରୀରିକ ଅସୁସ୍ଥତା କର୍ମକ୍ଷେତ୍ରରେ ବାଧକ ସାଜିବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ। ମହିଳାମାନେ କର୍ମଜୀବୀ ହେବେ। ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।



**କର୍କଟ:** ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପ୍ରାପ୍ତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଜି ଆପଣଙ୍କର ଆୟ ଯୋଗ ରହିଛି। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ ।



**ସିଂହ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ଅର୍ଥ ଲାଭ ସହିତ ଦେହ ଓ ମନ ଭଲ ରହିବ। ପାରିବାରିକ ସୁଖ ସନ୍ତୋଷ ବିରାଜମାନ କରିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କନ୍ୟା:** ଆଳସ୍ୟ ଆପଣଙ୍କର ବୃଦ୍ଧି ପାଇବ। ଏଣୁ କାର୍ଯ୍ୟ କ୍ଷେତ୍ରରେ ବିଳମ୍ବତା ଦେଖାଦେବ। ଧର୍ମ ମାର୍ଗରେ ମନୋନିବେଶ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ତୁଳା:** ପାରିବାରିକ ସୁଖ ଶାନ୍ତି ହାନି ଘଟିବ। ପୁରାତନ କାର୍ଯ୍ୟ ସମ୍ପାଦନ ହେଉଥିବାରୁ ଆନନ୍ଦ ଅନୁଭବ କରିବେ। ଶତ୍ରୁନାଶ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଯଶସ୍ୱୀ ହେବେ ।



**ବିଛା:** ଶାରୀରିକ ପୀଡ଼ା ଅନୁଭବ କରିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନେ ଭୁଲ୍ ବୁଝିବେ । ପାରିବାରିକ ମତାନ୍ତର ଦେଖାଦେବ। ଖର୍ଚ୍ଚ ଅଧିକ ହୋଇପାରେ। ମନରେ ଅସ୍ଥିରତା ଦେଖାଦେବ ।



**ଧନୁ:** ସାଧନାରେ ସିଦ୍ଧି ଲାଭ କରିବେ। ଭୁଲ୍ ଖବର ପାଇ ବିବ୍ରତ ହେବେ। ମନରେ ଅହଂଭାବ ପ୍ରକାଶ ପାଇବ। ରୋଜଗାର ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ କରିବେ। ପ୍ରଶଂସିତ ହେବେ ।



**ମକର:** କର୍ମକ୍ଷେତ୍ରରେ ନିରବଦ୍ରଷ୍ଟା ସାଜିବେ। ଆୟ ଓ ବ୍ୟୟର ପରିମାଣ ମଧ୍ୟମ ଧରଣର ହେବ। ଶତ୍ରୁ ନାଶ ହେବେ। ପ୍ରତ୍ୟୁଷର ଯାତ୍ରା ସଫଳ ହେବ। ଘରେ ଆନନ୍ଦ ଦେଖାଦେବ। ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ।



**କୁମ୍ଭ:** ବନ୍ଧୁ କଥା ଦେଇ କଥା ଫେରାଇ ନେଇପାରନ୍ତି। ପାରିବାରିକ କଳହ ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ କ୍ଲାନ୍ତି ଅନୁଭବ କରିବେ। ବ୍ୟୟର ମାତ୍ରା କମିବ। ମନ ଭଲ ରହିବ। ମହିଳାମାନେ ଗର୍ବୀ ହେବେ ।



**ମୀନ:** ଚାକିରୀ କ୍ଷେତ୍ରରେ ଉତ୍ସାହ ସହକାରେ କାର୍ଯ୍ୟ କରିବେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ। କୁଭୋଜନ ହେତୁ ଉଦର ପୀଡ଼ା ଦେଖାଦେଇପାରେ। ଗୃହେ କଳହ ଦେଖାଦେବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୫।୦୬।୨୦୨୬, ଜୈ୍ୟଷ୍ଠ ଦ୧ନ, ସୋମବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୫୧ ଚନ୍ଦ୍ରୋଦୟ- ପ୍ରାଘ ୫।୩୫।୨୮**
ଅମାବାସ୍ୟା ଦିଘ ୮।୨୫ ଗତେ ପ୍ରତିପଦ କ୍ଷୟ, ମୃଗଶିରା ନକ୍ଷତ୍ର ସଂଘ ୭।୧୧ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ଦିଘ ୮।୪୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର । ଦିଘ ୮।୪୧ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । ଦିଘ ୮।୪୧ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୮।୨୫ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୨୯ ମଧ୍ୟେ। **ପର୍ବୋତ୍ସବ-** ମିଥୁନ (ରଜ) ସଂକ୍ରାନ୍ତି, ଜ୍ୟେଷ୍ଠ ମଳ ଅମାବାସ୍ୟା, ସୋମମହତୀ ସ୍ନାନ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଗିଗ୍ ୱର୍କର୍ସଙ୍କୁ ମିଳିବ ଆଇନଗତ ପରିଚୟ

ଗିଗ୍ ୱର୍କର୍ସଙ୍କୁ ମିଳିବ ଆଇନଗତ ପରିଚୟ, ପେନସନ ଓ ସାମାଜିକ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ । ଓଲା, ଉବର, ଜୋମାଟୋ କର୍ମଚାରୀଙ୍କ ପାଇଁ ଆସିଲା ନୂଆ ସରକାରୀ ନିୟମ, ଏଣିକି ଡେଲିଭରି ବୟ ଓ ଚାଳକମାନେ ପାଇବେ ପେନସନ ଓ ସରକାରୀ ସୁରକ୍ଷା । ସ୍ୱିଗି, ଜୋମାଟୋ, ଓଲା, ଉବର, ବ୍ଲିଙ୍କିଟ୍ ଏବଂ ଜେପ୍ଟୋ ଭଳି ଆପ୍-ଆଧାରିତ ପ୍ଲାଟଫର୍ମରେ କାମ କରୁଥିବା ଲକ୍ଷ ଲକ୍ଷ ଗିଗ୍ ୱର୍କର୍ସଙ୍କ ପାଇଁ ଆସିଛି ଏକ ବଡ଼ ଖବର । ଏଣିକି ସେମାନଙ୍କୁ ମିଳିବ ଆଇନଗତ ପରିଚୟ ସହ ପେନସନ ଓ ସାମାଜିକ ସୁରକ୍ଷାର ସମସ୍ତ ସୁବିଧା । କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ପକ୍ଷରୁ ସମସ୍ତ ଆପ୍-ଆଧାରିତ କମ୍ପାନୀମାନଙ୍କୁ ସେମାନଙ୍କ କର୍ମଚାରୀଙ୍କୁ 'ଇ-ଶ୍ରମ' ପୋର୍ଟାଲରେ ପଞ୍ଜୀକୃତ କରିବା ସହ ଆସନ୍ତା ଜୁନ୍ ୨୧ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଶ୍ରମ ମନ୍ତ୍ରାଳୟ 'କୋଡ୍ ଅନ୍ ସୋସିଆଲ ସିକ୍ୟୁରିଟି' ଅଧୀନରେ ନୂଆ ନିୟମ ଜାରି କରିବା ପରେ ଏହି କଡ଼ା ନିର୍ଦ୍ଦେଶ ଦେଇଛି । ଏହି ନିୟମ ଅନୁସାରେ, ଗିଗ୍ ଏବଂ ପ୍ଲାଟଫର୍ମ ୱର୍କର୍ସମାନଙ୍କର ୪୫ ଦିନ ମଧ୍ୟରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ । ସରକାରଙ୍କ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଡିଜିଟାଲ୍ ପ୍ଲାଟଫର୍ମ ସହ ଜଡ଼ିତ ଶ୍ରମିକମାନଙ୍କର ଏକ ବଡ଼ ଡାଟାବେସ୍ ପ୍ରସ୍ତୁତ କରିବା । ଏହାଦ୍ୱାରା ସରକାର ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା, ପେନସନ ସ୍କିମ୍ ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନା ଆରମ୍ଭ କରିପାରିବେ । ଏହା ସହିତ ସେମାନଙ୍କୁ ଏକ ୟୁନିକ୍ ନ୍ୟାସନାଲ୍ ଆଇଡି ପ୍ରଦାନ କରାଯିବ, ଯାହାଦ୍ୱାରା ସେମାନଙ୍କର ପୋର୍ଟେବିଲିଟି ସହଜ ହେବ ଏବଂ ଏହି ଅଣସଂଗଠିତ କ୍ଷେତ୍ରକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିପାରିବ । ଜୁନ୍ ୨୧ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ନକଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ 'ସୋସିଆଲ ସିକ୍ୟୁରିଟି କୋଡ୍' ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଜରିମାନା ମଧ୍ୟ କରାଯିବ ବୋଲି ମନ୍ତ୍ରାଳୟ ଚେତାବନୀ ଦେଇଛି । ନୂଆ ନିୟମ ଅନୁଯାୟୀ, ଯେଉଁ ବ୍ୟକ୍ତି ବର୍ଷକୁ ଅତିକମରେ ୯୦ ଦିନ କୌଣସି ଗୋଟିଏ କମ୍ପାନୀରେ କିମ୍ବା ବିଭିନ୍ନ ପ୍ଲାଟଫର୍ମରେ ମିଶାଇ ମୋଟ୍ ୧୨୦ ଦିନ କାମ କରିଥିବେ, ସେମାନଙ୍କୁ ହିଁ ଗିଗ୍ ବା ପ୍ଲାଟଫର୍ମ ୱର୍କର ଭାବେ ଗଣ୍ୟ କରାଯିବ । ଏହାସହ ନୂଆ ଶ୍ରମିକଙ୍କ ଯୋଗଦାନ ଏବଂ କାମ ଛାଡ଼ିବା ନେଇ କମ୍ପାନୀଗୁଡ଼ିକୁ ପ୍ରତିଦିନ ସେଣ୍ଟ୍ରାଲ୍ ପୋର୍ଟାଲରେ ରିଅଲ୍-ଟାଇମ୍ ତଥ୍ୟ ଦେବାକୁ ପଡ଼ିବ । ଇଣ୍ଡିଆନ୍ ଫେଡେରେସନ ଅଫ୍ ଆପ୍-ବେସଡ୍ ଟ୍ରାନ୍ସପୋର୍ଟ ୱର୍କର୍ସ (IFAT) ର ସହ-ପ୍ରତିଷ୍ଠାତା ଶେଖ୍ ସଲାଉଦ୍ଦିନ କହିଛନ୍ତି ଯେ, ପୂର୍ବରୁ ଅନେକ କମ୍ପାନୀ ସରକାରଙ୍କ ଏହି ନିର୍ଦ୍ଦେଶକୁ ଗମ୍ଭୀରତାର ସହ ନେଇନଥିଲେ । କିନ୍ତୁ, ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକ ଦାୟିତ୍ୱର ସହ ଆଇନ ପାଳନ କରିବା ଉଚିତ୍ । ଶ୍ରମିକମାନେ ସେମାନଙ୍କର ସାମାଜିକ ସୁରକ୍ଷା ପାଇଁ ଆଉ ଅଧିକ ସମୟ ଅପେକ୍ଷା କରିପାରିବେ ନାହିଁ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମହତେ ଯାହା ଆଚରିବେ ଇତରେ ତାହାହିଁ କରିବେ

ଶ୍ରଦ୍ଧେୟ ଭକ୍ତବୃନ୍ଦ, ତୁମେତ ଭକ୍ତ, ତୁମେତ ଶିଷ୍ୟ, ତୁମେତ ଧନୀ, ତୁମେତ ଜ୍ଞାନୀ ତୁମେ ତୁମକୁ କେତେବେଳେ ସମୀକ୍ଷା କରିଛ ? ମୁଁ ଠିକ୍ କରୁଛି କି ଭୂଲ କରୁଛି ? କିନ୍ତୁ ତୁମେ ଠିକ୍ କରକି ନକର ତୁମର କର୍ମ ଫଳକୁ ଇତର ମାନେ ଗ୍ରହଣ କରି ସେଇ ପଥରେ ଯିବେ । ତୁମେ ଯଦି ଭଲକାମ କରିଥିବ ସେ ଫଳଟି ନିଶ୍ଚୟ ସମାଜରେ ଆବୃତ ହେବ। ତୁମେ ଯଦି ଖରାପ କାର୍ଯ୍ୟ କରୁଥିବ ସେବି ପ୍ରତିଫଳନ ହେବ ସମାଜରେ । ଇତରକୁ ଯଦି ତୁମର ଶିକ୍ଷା , ଦୀକ୍ଷା ଦ୍ୱାରା ଅନୁପ୍ରାଣିତ କରି ସତରାସ୍ତାରେ ଚଳାଇ ପାରିଲ ତାହାଲେ ତୁମେ ଅମୃତର ଧାରା ଈଶ୍ୱରଙ୍କ ଠାରୁ ପାଇପାରିବ । କିନ୍ତୁ ତୁମେ ଯଦି ଖରାପ ରାସ୍ତା ଦେଖାଇଥିବ ସେ ଫଳ ବି ତୁମେ ହିଁ ଭୋଗ କରିବ । ତେଣୁ ଭାଗବତରେ ଲେଖାଅଛି-ମହତେ ଯାହା ଆଚରିବେ ଇତରେ ତାହାହିଁ କରିବେ ? ତେଣୁ ତୁମେ ଯାହା ଉଚ୍ଚାରଣ କରୁଛ ତାହାକୁ ଆଚରଣରେ ପରିଣତ କରିପାରିଲେ ଏ ଜଗତ ନିଶ୍ଚୟ ତୁମକୁ ପୁରସ୍କୃତ କରିବ । ରେଣୁ ହେ ଭକ୍ତ ନିଷ୍ଠା, ବିଶ୍ୱାସକୁ ଦୃଢ଼ିଭୂତ କର, କେନ୍ଦ୍ରୀଭୂତ କରି ବିଶ୍ୱବାସୀଙ୍କୁ ଆଲୋକର ସନ୍ଧାନ ଦେବା ହେଉଛି ଭକ୍ତର ଲକ୍ଷ୍ୟଣ, ଶିଷ୍ୟର ଲକ୍ଷ୍ୟଣ, ତେଣୁ ଲକ୍ଷଣକୁ ଦେଖି ନିୟତି ବିଚାର କରି ଚାଲିଛି । ତୁମ ପଛେ ପଛେ ଗୋଡାଉଛି କାଳ ସେ ଯେବେ ମହାକାଳ ସାଜିବ ତୁମକୁ କିଏ ରକ୍ଷା କରିବ । ସେଇ ଧର୍ମ, ତେଣୁ ଧରିଥା ଧର୍ମକୁ ଆଦୌ ଛାଡିବୁନିଟି । ହରିଓଁ ।

◆◆

# ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ

ଜ୍ୟୋସ୍ନା ମହାପାତ୍ର
ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail : abhisekmohapatra1999@gmail.com

ଯସ୍ୟାଂ ସମୁଦ୍ର
ଉତ ସିନ୍ଧୁରାପୋ
ଯସ୍ୟା ମନ୍ନଂ
କୃଷ୍ଟୟଃ ସଂବଭୂବୁଃ ।
ଯସ୍ୟାମିଦଂ
ଜିନ୍ୱତି ପ୍ରାଣଦେଜତ୍
ସା ନୋ ଭୂମିଃ
ପୂର୍ବପେୟେ ଦଧାତୁ ।

ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା। ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି। ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ୍ତ କରିଛି । ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ – ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' – ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି। ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ।



ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି । ବସୁମତୀ ସ୍ନାନ ରଜ ପର୍ବର ଅନ୍ୟତମ ଦିବସ । ଏହା ବସୁମାତାଙ୍କ ଶୁଦ୍ଧ ସ୍ନାନ। ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ନାମରେ ଏହା ଲୋକପ୍ରିୟ । ମାର୍ଗଶୀର ଶେଷ ଗୁରୁବାର ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଲେଖାଯାଏ। ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଧରିତ୍ରୀ ମା'ର ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଏ। ଏହି ଦିନ ଆନନ୍ଦ ଉଲ୍ଲାସ ପରିବର୍ତ୍ତେ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ବସୁମତୀ ସ୍ନାନରେ ଧରଣୀ ମାତାକୁ ଭକ୍ତି ଭାବର ସହ ପୂଜା କରାଯାଏ। ଶୁଦ୍ଧସ୍ନାନ ପରେ ଧରଣୀ ଶସ୍ୟବୀଜ ଧାରଣ କରିପାରେ ।

ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ଆରମ୍ଭ ଦୁଇଦିନକୁ ନେଇ ରଜପର୍ବ । ଅସରା ଅସରା ବର୍ଷାରେ ଭିଜାମାଟିର ବାସ୍ନା ମହାକାଇଦିଏ ରଜପର୍ବକୁ । ବସୁମତୀ ବନ୍ଦନାର ଋତୁ ଇଏ । ଏହି ପର୍ବରେ ଭୂଇଁ ରଜସ୍ୱଳା ହେତୁ ମହିଳାମାନେ କାଠପିଢ଼ା ଉପରେ ଶିଳପୁଆ, ଲଙ୍ଗଳ ଲୁହା, ନଡ଼ିଆ ଆଦି ରଖି ତା ଉପରେ ହଳଦୀପାଣି ଢ଼ାଳି ବାସୁମତୀ ସ୍ନାନ କରାନ୍ତି । କାରଣ ଏହାପରେ ହିଁ ଉତ୍ପାଦନକ୍ଷମ ହୁଏ ମାଟି । ଲୋକ ଚଳଣି ସହ ଏହି ପରମ୍ପରାର ଅପୂର୍ବ ସାମଞ୍ଜସ୍ୟ। ଆକାଶରେ ମେଘ ଦେଖିଲେ ଚାଷୀ ମନ ଉଚ୍ଛନ୍ନ ହୋଇଉଠେ, ସତେ ଯେମିତି ବର୍ଷା ଟିକକ ପାଇଁ ତା'ର ବ୍ୟାକୁଳ ଅପେକ୍ଷା। ପହିଲି ବର୍ଷାର ପ୍ରଥମ ପ୍ରେମରେ ଉନ୍ମନା ହୋଇଉଠେ କୁଆଁରୀର ମନ । ଗୋଡ଼ରେ ଅଳତା, ହାତରେ ମଞ୍ଜୁଆତି, ଆଖିରେ କଜ୍ଜଳ ଆଉ ପାଦରେ ପାଉଁଜି ପିନ୍ଧି ଛମ୍ ଛମ ନାଚିଯାଏ ସେ । ଚୁଲିର ରଡ଼ନିଆଁରେ ପୋଡ଼ାଯାଇଥିବା ପୋଡ଼ପିଠା ବୃନ୍ଦାବତୀଙ୍କ ପାଖରେ ଭୋଗ ଲଗାଇ ଏହାକୁକାଟି ପରଷିଦେବ ଗୃହଲକ୍ଷ୍ମୀ । ବାଡ଼ିରେ ରଜଦୋଳିର ଗୀତ ଶୁଭି ଉଠୁଥିବ ଆଉ ଖେଳାଇ ଦେଉଥିବ ଆନନ୍ଦର ଲହରୀ, ବାଗୁଡ଼ି ଖେଳରେ ନଈବାଲିରେ ମାତିଥିବେ ଯୁବକ, ଆଉ କିଶୋରୀର ପୁଚିଖେଳର ଉଚ୍ଛୁଳି ଉଠୁଥିବ ଗାଁ ଦାଣ୍ଡ । ସତରେ ନିଟୋଳ ବିଶ୍ୱାସର ନିଆରା ପର୍ବ ଏହି ରଜ । ପହିଲି ବର୍ଷାର ପୁଲକରେ ଅପରୂପା ଏବେ ପୃଥିବୀ ମାଆ । ସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁ କି ଆଶୀର୍ବାଦ ଦିଅନ୍ତି ନାହିଁ। କାରଣ ସେ ଗରିୟସୀ – ଏଇ ବେଳରେ । ତା'ର ମହନୀୟତା ସବୁଠୁ ଉର୍ଦ୍ଧ୍ୱରେ ।

# ଇବୋଲା ସଂକ୍ରମଣ ଓ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା



ଡାକ୍ତର ରାଜକିଶୋର ପଣ୍ଡା
ଭୁବନେଶ୍ୱର
ମୋବାଇଲ ନଂ-
୮୧୪୪୦୪୨୯୯୭

କଙ୍ଗୋ ନଦୀକୁ ଦୁନିଆର ବିଶାଳତମ ଓ ଗଭୀରତମ ନଦୀମାନଙ୍କ ମଧ୍ୟରେ ଗଣାଯାଇଥାଏ। ଏହାର ଏକ ପାଖରେ ଅଛି କଙ୍ଗୋ ଗଣରାଜ୍ୟର ରାଜଧାନୀ "ବ୍ରାଜଭିଲ୍" ଓ ଅନ୍ୟ ପାଖରେ ଅଛି କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ (Democratic Republic of Congo)ର ରାଜଧାନୀ "କିନ୍‌ଶାସା"। ଦୁନିଆରେ ଏପରି ଦୃଶ୍ୟ ବିରଳ, ଯେଉଁଠାରେ ଦୁଇଦେଶର ରାଜଧାନୀ, ପରସ୍ପରର ଠିକ୍ ସମ୍ମୁଖରେ ବିଦ୍ୟମାନ ଅଛନ୍ତି। "କିନ୍‌ଶାସା" ପୃଥିବୀର ସବୁଠାରୁ ଦରିଦ୍ର, ସଂଘର୍ଷରତ ଓ ଅସ୍ଥିର ଦେଶମାନଙ୍କ ମଧ୍ୟରୁ ଗୋଟିଏର ରାଜଧାନୀ ବୋଲି ମଧ୍ୟ ଆମେ କହିପାରିବା। ଏହି ଦେଶ ଓ ଏହାର ପଡ଼ୋଶୀ ଦେଶ "ଉଗାଣ୍ଡା"ରେ ପୁଣିଥରେ "ଇବୋଲା ମହାମାରୀ"ର ପ୍ରତ୍ୟାବର୍ତ୍ତନ ଘଟିଛି, ଯାହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ବର୍ତ୍ତମାନ ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ପରିସ୍ଥିତିର ଗୁରୁତ୍ୱ ଏପରି ଯେ, କୋଭିଡ୍ ପରେ, ଚଳିତ ଶତାବ୍ଦୀରେ ଆମେ ଇବୋଲା ସଂକ୍ରମଣକୁ ଦ୍ୱିତୀୟ ମହାମାରୀ ବୋଲି ବିବେଚନା କରିପାରିବା। ବର୍ତ୍ତମାନ ଇବୋଲା ଭାଇରସ୍‌ର ସଂକ୍ଷିପ୍ତ ପରିଚୟ, ଲକ୍ଷଣ ଓ ଇତିହାସ ଉପରେ ଆମେ ଆଲୋକପାତ କରିବା। ଇବୋଲା ଗୋଟିଏ ଆର.ଏନ.ଏ (RNA) ଭାଇରସ୍ ଅଟେ। ଏହା ପଶୁମାନଙ୍କଠାରୁ ମଣିଷକୁ ଆସିଥିବାରୁ ଏହାକୁ ଜୁନୋଟିକ୍ ଡିଜିଜ୍ (Zoonotic Disease) ବୋଲି କୁହାଯାଇଥାଏ। ଯଦିଓ ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ, ଯେ କିପରି ଇବୋଲା ପଶୁଠାରୁ ମଣିଷକୁ ଆସିଲା, ଜୀବବିଜ୍ଞାନୀମାନଙ୍କର ମତ ଅନୁସାରେ, ମଣିଷ ସହ ଏହି ଭାଇରସ୍ ସଂକ୍ରମିତ ପଶୁର ସିଧାସଳଖ ସ୍ପର୍ଶ (Direct Contact) ହେତୁ ଏହା ସମ୍ଭବ ହୋଇଛି। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଏହି ଭାଇରସ୍‌ର ଗୋଟିଏ ପ୍ରାକୃତିକ ଧାରକ (Natural Host.) ହେଉଛି "ବାଦୁଡ଼ି"। ବାଦୁଡ଼ି, ବିନା ସଂକ୍ରମଣ ଓ ବିନା କୌଣସି ଅସୁସ୍ଥତାରେ ଇବୋଲା ଭାଇରସ୍‌କୁ ଧାରଣ କରିପାରେ। ଅତୀତରେ ଖାଦ୍ୟାଭାବ ହେତୁ କେନ୍ଦ୍ରୀୟ ଆଫ୍ରିକାରେ, ସ୍ଥାନୀୟ ଅଧିବାସୀମାନେ ବାଦୁଡ଼ି ଶିକାର କରି ଏହାକୁ ଖାଇଥିଲେ ଏବଂ ଏହା ଇବୋଲା ମହାମାରୀ ସୃଷ୍ଟି କରିଥିଲା। ଏହି ଭାଇରସ୍‌ଟିକୁ ଧାରଣ କରିଥିବା ବାଦୁଡ଼ିଦ୍ୱାରା ଆଂଶିକ ଖିଆ ଯାଇଥିବା ଫଳକୁ ବାବୁନ୍, ସିମ୍ପାଞ୍ଜି ଓ ଗରିଲା ଆଦି ସ୍ତନ୍ୟପାୟୀ (Mammal) ପଶୁମାନେ ସେବନ କରିଥାନ୍ତି। ଏହି ହେତୁ ସଂପୃକ୍ତ ପଶୁମାନେ ଏହି ଭାଇରସ୍‌ଦ୍ୱାରା ସଂକ୍ରମିତ ହୋଇଥାନ୍ତି ଓ ଏହାପରେ ଇବୋଲା ମଣିଷ ଶରୀରକୁ ଆସିଥାଏ। ଏହା ମଧ୍ୟ ଇବୋଲା ମଣିଷକୁ ସଂକ୍ରମିତ କରିବାର, ଗୋଟିଏ ପ୍ରମୁଖ କାରଣ ହୋଇପାରେ। ମଣିଷ ଶରୀରରେ ରୋଗ ସୃଷ୍ଟି କରୁଥିବା ଇବୋଲା ଭାଇରସ୍‌ର ଗୋଷ୍ଠୀକୁ ଆମେ ମୁଖ୍ୟତଃ ଚାରୋଟି ପ୍ରଜାତିରେ ବିଭକ୍ତ କରିପାରିବା। ସେଗୁଡ଼ିକ ହେଉଛି :- ବୁଣ୍ଡିବୋଗ୍ୟୋ ଇବୋଲା, ସୁଦାନ ଇବୋଲା, ତାଇ ଫରେଷ୍ଟ ଇବୋଲା ଓ ଜାଇରେ ଇବୋଲା। ଏଥିମଧ୍ୟରୁ ଜାଇରେ ପ୍ରଜାତିର ସଂକ୍ରମଣ ସବୁଠାରୁ ଭୟଙ୍କର ଅଟେ ଓ ଏହି ପ୍ରଜାତିଟି ସବୁଠାରୁ ବେଶି ସଂଖ୍ୟକ ମହାମାରୀକୁ ସୃଷ୍ଟି କରିଥାଏ। ବର୍ତ୍ତମାନ ଦେଖାଦେଇଥିବା ସଂକ୍ରମଣଟି ବୁଣ୍ଡିବୋଗ୍ୟୋ ପ୍ରଜାତି ଦ୍ୱାରା ହୋଇଛି। ଇତିହାସ ଉପରେ ଦୃଷ୍ଟି ପକାଇଲେ, ୧୯୭୬ ମସିହାରେ ପ୍ରଥମେ ଇବୋଲା ଭାଇରସ୍‌ର ଆବିର୍ଭାବ (Out Break) ଏକା ସାଙ୍ଗରେ ଦକ୍ଷିଣ ସୁଦାନର "ଏନ୍‌ଜାରା" (Nzara) ନାମକ ସହର ଓ କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର "ୟାମ୍ବୁକୁ" ନାମକ ଗ୍ରାମରେ ହୋଇଥିଲା। ଏହି "ୟାମ୍ବୁକୁ" ଗ୍ରାମଟି ଇବୋଲା ନଦୀ କୂଳରେ ଅବସ୍ଥିତ ଥିବାରୁ ନଦୀର ନାମ ଅନୁସାରେ ଭାଇରସ୍‌ଟିର ନାମ "ଇବୋଲା" ରଖାଯାଇଥିଲା। ବିଶ୍ୱର ପ୍ରଥମ ଇବୋଲା ସଂକ୍ରମଣ ଉପରୋକ୍ତ ଗ୍ରାମର ଗୋଟିଏ ପୁରୁଷକୁ ହୋଇଥିବାରୁ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଇବୋଲା ସଂକ୍ରମଣର ସର୍ବପ୍ରଥମ କେସ୍ ବା "ଇଣ୍ଡେକ୍ସ କେସ୍" ବୋଲି ଚିହ୍ନଟ କରିଅଛି। କୌଣସି ମହାମାରୀରେ ପ୍ରଥମ ରୋଗୀକୁ "ଇଣ୍ଡେକ୍ସ କେସ୍" ବା "ପେସେଣ୍ଟ ଜିରୋ" ବୋଲି କୁହାଯାଇଥାଏ। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୯୭୬ ରୁ ୨୦୧୨ ମଧ୍ୟରେ ଆଫ୍ରିକାରେ ପ୍ରାୟ ଚବିଶ ଥର ଇବୋଲା ମହାମାରୀ ଦେଖାଦେଇଛି, ଯେଉଁଥିରେ ପାଖାପାଖି ଅଢ଼େଇ ହଜାର ଲୋକ ସଂକ୍ରମିତ ହେବା ସହ ଷୋହଳଶହ ଜଣ ମୃତ୍ୟୁବରଣ କରିଛନ୍ତି। ସବୁଠାରୁ ବଡ଼ ଇବୋଲା ମହାମାରୀ ଦେଖାଦେଇଥିଲା ପଶ୍ଚିମ ଆଫ୍ରିକାରେ ଡିସେମ୍ବର ୨୦୧୩ ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଯେଉଁଥିରେ ଅଠେଇଶି ହଜାର ଲୋକ ସଂକ୍ରମିତ ହେବା ସହ ଏଗାର ହଜାର ଜଣ ମୃତ୍ୟୁବରଣ କରିଥିଲେ। ଜୁଲାଇ ୨୦୧୯ ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କଙ୍ଗୋର ଇବୋଲା ମହାମାରୀକୁ ଗମ୍ଭୀରତାର ସହ ନେବା ସହିତ ଏହାକୁ ବିଶ୍ୱସ୍ୱାସ୍ଥ୍ୟ ନିମନ୍ତେ ଜରୁରୀକାଳୀନ ବୋଲି ଘୋଷଣା କରିଥିଲେ। ଆସିବା ଏବେ ମଣିଷ ଶରୀରରେ ଏହାର ଲକ୍ଷଣକୁ। ଏହି ଭାଇରସ୍‌ରେ ଆକ୍ରାନ୍ତ ହେଲେ, ଯେଉଁ ଯେଉଁ ପ୍ରାରମ୍ଭିକ ଲକ୍ଷଣମାନ ମଣିଷଠାରେ ଦେଖାଯାଇଥାଏ ତାହା ହେଉଛି, ଜ୍ୱର, ଦୁର୍ବଳତା, ଭୋକ ନ ହେବା, ମାଂସପେଶୀରେ ପୀଡ଼ା, ଅାଣ୍ଠୁଗଣ୍ଠିରେ ପୀଡ଼ା, ମୁଣ୍ଡବିନ୍ଧା ଓ ତଣ୍ଟିରେ ବ୍ୟଥା (Sore Throat) ଇତ୍ୟାଦି। ଉପରୋକ୍ତ ଲକ୍ଷଣଗୁଡ଼ିକର ପରେ ବାନ୍ତି, ଡାଇରିଆ ଆଦି ମଧ୍ୟ ହୋଇଥାଏ ଓ ଏହାଦ୍ୱାରା ଦେହରୁ ଜଳୀୟ ଅଂଶ କମିଯାଇଥାଏ। ଶରୀରରେ ଏକ ପ୍ରକାରର ଦାଗ ଦେଖାଯାଇଥାଏ, ଯାହାକୁ ଇଂରାଜୀରେ କୁହାଯାଏ "ମାକୁଲୋ ପାପୁଲାର୍ ରାସ୍"। ତେବେ ସବୁଠାରୁ ଘାତକ ଲକ୍ଷଣ ଇବୋଲା ସଂକ୍ରମଣର ହେଉଛି "ଅନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ" ଯାହାକି ପ୍ରାରମ୍ଭିକ ଲକ୍ଷଣ ସବୁର ପାଞ୍ଚରୁ ସାତ ଦିନ ମଧ୍ୟରେ ଦେଖାଯାଇଥାଏ। ଏହାଦ୍ୱାରା ବାନ୍ତି, କଫ ଓ ମଳରେ ରକ୍ତ ପଡ଼ିଥାଏ। ସଂକ୍ରମିତ ରୋଗୀର ରକ୍ତ ଜମାଟ ବାନ୍ଧିବାର କ୍ଷମତାରେ ହ୍ରାସ ଘଟିବାରୁ ଏପରି ହୋଇଥାଏ। ସଂକ୍ରମିତ ତଥା ଲକ୍ଷଣ ଥିବା ବ୍ୟକ୍ତିଙ୍କର ରକ୍ତ, ଲାଳ, ବାନ୍ତି, ଝାଳ, ମଳ, ମୂତ୍ରଦ୍ୱାରା ଏହି ଭାଇରସ୍ ସୁସ୍ଥ ଲୋକଙ୍କୁ ଆକ୍ରାନ୍ତ କରେ। ଇବୋଲା ସଂକ୍ରମଣରେ ମୃତ୍ୟୁ ମୁଖ୍ୟତଃ ଜଳୀୟ ଅଂଶ ହ୍ରାସ ଯୋଗୁଁ ଘଟିଥାଏ, ଯାହାକି ହୋଇଥାଏ ପ୍ରାଥମିକ ଲକ୍ଷଣ ଦେଖାଯିବାର ଦଶରୁ ପନ୍ଦର ଦିନ ମଧ୍ୟରେ। ତେଣୁ ଏହାର ଚିକିତ୍ସାରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଏ। ବୈଶ୍ୱିକ ମହାମାରୀ ହେବାର ସମ୍ଭାବନା ବର୍ତ୍ତମାନ ପର୍ଯ୍ୟନ୍ତ ଇବୋଲାର ହୋଇନାହିଁ। ଯଦିଓ ଏହା ଗମ୍ଭୀର ରୋଗ କିନ୍ତୁ ଗୋଟିଏ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ସେତେବେଳେ ବ୍ୟାପିଥାଏ, ଯେତେବେଳେ ପ୍ରଥମଠାରେ ଲକ୍ଷଣମାନ ଥାଏ। ତେଣୁ ଭାରତ ତଥା ଅନ୍ୟ ଅପ୍ରଭାବିତ ଦେଶମାନଙ୍କ ପାଇଁ ତତ୍କାଳ କିଛି ବିପଦ ନାହିଁ, ମାତ୍ର ପ୍ରଶ୍ନ ଉଠୁଛି ଯେ ବୈଶ୍ୱିକ ସହଯୋଗ ଓ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ତତ୍ପରତା ସତ୍ତ୍ୱେ ଇବୋଲା ବାରମ୍ବାର ଫେରୁଛି କ'ଣ ପାଇଁ ? ଏହାର ଉତ୍ତର କେବଳ ସ୍ୱାସ୍ଥ୍ୟ ବିଜ୍ଞାନରେ ନୁହେଁ, ବରଂ ରାଜନୀତି, ଅର୍ଥ ବ୍ୟବସ୍ଥା ଓ ବୈଶ୍ୱିକ ଅସମାନତାରେ ନିହିତ ଅଛି। କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ, ପ୍ରାକୃତିକ ସମ୍ପଦ ଯେପରିକି ଖଣିଜ ଓ ଦୁର୍ଲଭ ଧାତୁରେ ଭରପୂର। ସାମ୍ପ୍ରତିକ ଜଗତର ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ଯେଉଁ ଖଣିଜ ପଦାର୍ଥ ଉପରେ ନିର୍ଭରଶୀଳ ସେଗୁଡ଼ିକ କଙ୍ଗୋରେ ପ୍ରଚୁର ପରିମାଣରେ ଅଛି। ଏହି ଖଣିଜ ସମ୍ପଦର ମୂଲ୍ୟ କିନ୍ତୁ କଙ୍ଗର ସ୍ଥାନୀୟ ଲୋକମାନଙ୍କୁ ଦେବାପାଇଁ ପଡୁଛି। ଖଣି ଖନନ, ଅରଣ୍ୟ ଧ୍ୱଂସ କରିବା ଦ୍ୱାରା ମନୁଷ୍ୟ ଓ ବନ୍ୟଜନ୍ତୁମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଉଛି। ଏହା ଫଳରେ ମନୁଷ୍ୟଠାରେ ଏପରି ସବୁ ରୋଗ ଦେଖାଯାଉଛି, ଯାହାକି ଆଗରୁ କେବଳ ପଶୁମାନଙ୍କ ମଧ୍ୟରେ ସୀମିତ ଥିଲା। ବୈଜ୍ଞାନିକମାନେ ମଧ୍ୟ ଦୀର୍ଘ ସମୟ ଧରି ଚେତାବନୀ ଦେଇ ଆସିଛନ୍ତି କି, ପରିବେଶକୁ ବିନାଶ କରିବା ପ୍ରକ୍ରିୟା ନୂଆ ମହାମାରୀକୁ ସୃଷ୍ଟି କରିବାର ପ୍ରମୁଖ କାରଣ ହେବ। ଉଦାହରଣ – ଇବୋଲା। ଆଫ୍ରିକାର କିଛି ଦେଶ, ବିଗତ ବର୍ଷମାନଙ୍କରେ ନୂଆ ସଂକ୍ରମଣର ଉତ୍ପତ୍ତିସ୍ଥଳ ପାଲଟିଛନ୍ତି। ଏମାନଙ୍କ ମଧ୍ୟରୁ ଇବୋଲା ସବୁଠାରୁ ଭୟାବହ। ଏହା ଏପରି ଏକରୋଗ ଯାହା ପାଇଁ ସବୁଠାରୁ ଅଧିକ ଥର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ତେଣୁ ଏଠାରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ଏତେଥର ଇବୋଲାକୁ ନେଇ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି, ତାହାହେଲେ ଏହାର ସ୍ଥାୟୀ ପ୍ରତିକାର କାହିଁକି କରାଯାଉନାହିଁ ? ଏହାର ଉତ୍ତର ହେଉଛି କି ସଙ୍କଟ ଆସିଲେ ବିଶ୍ୱର ସ୍ୱାସ୍ଥ୍ୟ ସଙ୍ଗଠନମାନେ ସକ୍ରିୟ ହୋଇଯାଆନ୍ତି କିନ୍ତୁ ସେମାନେ ସଙ୍କଟର ମୂଳୋତ୍ପାଟନ ପାଇଁ ଆବଶ୍ୟକୀୟ ନିବେଶ କରନ୍ତି ନାହିଁ। ଯେଉଁ ଦେଶରେ ବାରମ୍ବାର ଇବୋଲା ମହାମାରୀ ହେଉଅଛି, ସେହି ଦେଶଗୁଡ଼ିକ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ। ନାଁ ସେଠାରେ ଅଛି ଅତ୍ୟାଧୁନିକ ପରୀକ୍ଷାଗାର ନାଁ ଅଛନ୍ତି ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ। ସେଠାକାର ଗ୍ରାମୀଣ ପରିବେଶରେ ସ୍ୱାସ୍ଥ୍ୟସେବା ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଆହୁରି ମଧ୍ୟ ଆଫ୍ରିକାର ଅଧିକାଂଶ ଦେଶ ଜାତୀୟ ସଂଘର୍ଷ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛନ୍ତି। ଇବୋଲା ମହାମାରୀ ଆସିଲେ ସମଗ୍ର ବିଶ୍ୱ ହଠାତ୍ ଚିନ୍ତିତ ହୋଇପଡ଼ିଥାଏ, ସଂପୃକ୍ତ ଦେଶକୁ ଆନ୍ତର୍ଜାତିକ ଟିମ୍‌ମାନେ ଯାଇଥାନ୍ତି ଓ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ। ଏହାପରେ କିନ୍ତୁ ସଂକ୍ରମଣ କମିଲେ, ଦୁନିଆର ଧ୍ୟାନ ମଧ୍ୟ କମିଯାଇଥାଏ। କିଛିବର୍ଷ ପରେ ପୁନର୍ବାର ଏହି ଚକ୍ର ଆରମ୍ଭ ହୋଇଥାଏ – ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି, ଅସ୍ଥାୟୀ ସକ୍ରିୟତା ଓ ବିସ୍ମୃତି। କେବଳ ଇବୋଲା କ୍ଷେତ୍ରରେ ଏହା ହୋଇନାହିଁ। ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସେହି ପ୍ରବୃତ୍ତିକୁ ଦର୍ଶାଉଛି, ଯେଉଁଥିରେ ଗରିବ ଦେଶମାନଙ୍କୁ ପ୍ରଭାବିତ କରୁଥିବା ରୋଗମାନଙ୍କୁ ସେ ପର୍ଯ୍ୟନ୍ତ ଗମ୍ଭୀରତାର ସହ ନିଆହୁଏ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ସେମାନେ ଧନୀ ଦେଶମାନଙ୍କର ସୀମାରେ ପହଞ୍ଚିନଥାନ୍ତି। ଏହାର ସଦ୍ୟ ଉଦାହରଣ – "ମଙ୍କିପକ୍ସ"। ଦୀର୍ଘ ବର୍ଷ ଧରି ଏହା ଆଫ୍ରିକାରେ ସୀମିତ ଭାବରେ ବ୍ୟାପୁଥିଲା କିନ୍ତୁ ୨୦୨୨ରେ ଯେବେ ଏହା ୟୁରୋପ ଓ ଆମେରିକାକୁ ପ୍ରବେଶ କଲା, ଏହାକୁ ନେଇ ଆନ୍ତର୍ଜାତିକ ସମୁଦାୟ ଚିନ୍ତିତ ହୋଇ ପଡ଼ିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାନଗୁଡ଼ିକ ଏତେ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ କ'ଣ ପାଇଁ ? ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ପାଣ୍ଠି ବ୍ୟବସ୍ଥା। ସାରା ବିଶ୍ୱ ଆଶା କରେ ଯେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ, ମହାମାରୀର ଉଚିତ୍ ନିୟନ୍ତ୍ରଣ କରୁ। ସଙ୍ଗଠନ ମଧ୍ୟ ମହାମାରୀ ଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ, ଟୀକାର ବିକାଶ ପାଇଁ ପଦକ୍ଷେପମାନ ନେଉଅଛି କିନ୍ତୁ ଏଥିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ପାଣ୍ଠି। ସାଧାରଣତଃ ବିକଶିତ ଦେଶ ଯେପରିକି ଯୁକ୍ତରାଷ୍ଟ୍ର ଓ ବ୍ରିଟେନ ହିଁ ଏଥିପାଇଁ ସିଂହଭାଗ ପାଣ୍ଠି ଯୋଗାଇଥାନ୍ତି। ଏବେ କିନ୍ତୁ ଆମେରିକା ଏହି ପାଣ୍ଠିର ପରିମାଣକୁ ହ୍ରାସ କରିଛି, ଯାହାକି ଚିନ୍ତାଜନକ। ଯଦି ବିଶ୍ୱ ବାସ୍ତବରେ ଇବୋଲା ଭଳି ରୋଗମାନଙ୍କୁ ରୋକିବା ପାଇଁ ଚାହୁଁଛି, ତାହା ହେଲେ ତା'କୁ ସ୍ୱାସ୍ଥ୍ୟ ବିତ୍ତ ବ୍ୟବସ୍ଥାକୁ ଅଧିକ ସ୍ଥାୟୀ, ପାରଦର୍ଶୀ ଓ ନ୍ୟାୟପୂର୍ଣ୍ଣ କରିବା ପାଇଁ ପଡ଼ିବ। ପରିଶେଷରେ ଉଲ୍ଲେଖ କରି ପ୍ରବନ୍ଧଟିକୁ ଶେଷ କରିବି ଯେ, କୌଣସି ଧନୀ ଦେଶକୁ ପ୍ରଭାବିତ ନ କଲେ ମଧ୍ୟ, ଗରିବ ଦେଶମାନଙ୍କରେ ଦେଖାଯାଉଥିବା ରୋଗମାନଙ୍କୁ ଯଥେଷ୍ଟ ପ୍ରାଥମିକତା ଦିଆଯାଉ। ଇବୋଲାର ବାରମ୍ବାର ଫେରିବା କେବଳ ଭାଇରସ୍‌ଟିର ପ୍ରତ୍ୟାବର୍ତ୍ତନ ମାତ୍ର ନୁହେଁ ବରଂ ଏହା ପ୍ରମାଣ କରୁଛି କି ଆଜି ମଧ୍ୟ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭେଦଭାବପୂର୍ଣ୍ଣ।

# ମାଟିରେ କବର ନେଲା : ଲାଲବାଗ କୋଠୀର 'ପୁରୁଣା ଲାଲବାଗ ଥାନା'

ବିକ୍ରମ ମହାପାତ୍ର
ଚଣ୍ଡୀମନ୍ଦିର ରାସ୍ତା
କଟକ-୧
ମୋ-୪୩୭୦୨୧୬୧୫

ହାଇକୋର୍ଟ ଆଡ଼ୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଯିବା ପୂର୍ବରୁ ଡାହାଣ ପଟେ ଅର୍ଥାତ୍ ଚାନ୍ଦିନୀଚୌକ ଡାକଘରକୁ ଲାଗିଛି କଟକ ସହରର ଅନ୍ୟତମ ପୁରୁଣା ଥାନା 'ଲାଲବାଗ ଥାନା'। ଏହି ଥାନାର ସାମ୍ନାରେ ହିଁ ଶିଶୁଭବନ। ଯଦିଓ ବର୍ତ୍ତମାନ ଥାନା ସାମ୍ନାର ଶିଶୁଭବନ ଗେଟ ବନ୍ଦ ରହିଛି ତେବେ ଏ ଥାନା ହେଉଛି କଟକ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଥାନା। କାରଣ ଏହା ଅଧୀନରେ ଓଡ଼ିଶା ହାଇକୋର୍ଟ, ଶିଶୁଭବନ, ଆରଡିସିଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଦୌରାଜର୍ଜଙ୍କ କାର୍ଯ୍ୟାଳୟ, ନିମ୍ନ ଅଦାଲତ, ରେଭେନ୍ସା କଲିଜିଏଟ ସ୍କୁଲ, ରାଧାନାଥ ଟ୍ରେନିଂ କଲେଜ, ଡିଆରଡିଏ କାର୍ଯ୍ୟାଳୟ ଓ କଟକ ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ମଧ୍ୟ ରହୁଛି। ସେହିପରି ସେପଟ ଅଞ୍ଚଳକୁ ଦେଖିଲେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଓ ସାଂସଦଙ୍କ ବାସଭବନ ପରି ଅଞ୍ଚଳ ରହୁଛି। ତେଣୁ ଏଇଥିରୁ ବୁଝିହୁଏ ଯେ ଲାଲବାଗ ଥାନାର ଗୁରୁତ୍ୱ ଓ ଦାୟିତ୍ୱ ଚାପ କେତେ ? ହଜାର ବର୍ଷର ସହର କଟକ। ବାଉନ ବଜାର ତେପନ ଗଳିକୁ ନେଇ ଏହାର ପରିଚିତ। କଟକ ସହରରେ ଅନେକ ସାହି, ବସ୍ତି, ଗଳି ସବୁ ରହିଛି। ନିକଟରେ ଲାଲାବାଗ କୋଠିର ଶେଷ ସ୍ମୃତି କୁହାଯାଉଥିବା 'ପୁରୁଣା ଲାଲବାଗ ଥାନା' ମାଟିରେ ମିଶିଲା। କହିବାକୁଗଲେ ହଜାର ବର୍ଷର ପୁରାତନ କଟକର ଏକ ଐତିହ୍ୟ ମୁଖସାକ୍ଷୀ କବର ନେଲା। ଏହା ପୂର୍ବରୁ ଶିଶୁ ଭବନ ସମ୍ପ୍ରସାରଣ ବେଳେ ମୂଳ ଲାଲବାଗ କୋଠି ଭାଙ୍ଗିଥିଲା। ଲାଲବାଗ ଶବ୍ଦଟି ଅନେକ ଓଡ଼ିଆଙ୍କ ପାଇଁ ଏକ ପରିଚିତ ଶବ୍ଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଯବନ ଭକ୍ତ ସାଲବେଗଙ୍କ ବାପା ହେଉଛନ୍ତି ଲାଲବାଗ। ପାଖାପାଖି ଶହେଦୁଇ ବର୍ଷ ଧରି ଲାଲବାଗ ଥାନା ଏହି ସ୍ମାରକୀରେ ପରିଚିତ ହୋଇଥିଲା। କଟକର ସମୃଦ୍ଧ ହଜାର ବର୍ଷର ଇତିହାସରେ ଲାଲବାଗ କୋଠୀର ସ୍ଥାନ ସ୍ୱତନ୍ତ୍ର। ଐତିହାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୁସଲିମ ଶାସନ ଆରମ୍ଭ ହେବାର ୬୫ ବର୍ଷ ପରେ ମୁସଲମାନ ଶାସକମାନେ କଟକ ଠାରେ ଗୋଟିଏ ରାଜପ୍ରସାଦ ନିର୍ମାଣ କରିବାକୁ ସ୍ଥିର କରିଥିଲେ। ଏ ସମ୍ପର୍କରେ ସମସ୍ତ ବିବରଣୀ ଲିପିବଦ୍ଧ ରହିଛି। ୧୬୩୩ ଖ୍ରୀଷ୍ଟାବ୍ଦରେ ଉଇଲିୟମ ବୁଟନ, କ୍ୟାପଟେନ କାର୍ଟରାଇଟ ଓ ଜନ ଡାବରିନ ନାମକ ତିନି ଜଣ ଇଂରେଜ ବଣିକ ଓଡ଼ିଶାରେ ଇଂରେଜମାନଙ୍କ ବ୍ୟବସାୟ ଆରମ୍ଭ କରିବା ପାଇଁ ଅନୁମତି ପତ୍ର ହାସଲ ଉଦ୍ଦେଶ୍ୟରେ କଟକର ମୋଗଲ ସୁବେଦାରଙ୍କ ପାଖକୁ ଆସିଥିଲେ। ସେମାନଙ୍କର ବିବରଣୀ ବୁଟନ ବିଶଦ ଭାବରେ ଲେଖି ଯାଇଛନ୍ତି। ସେ ସମୟରେ କାଠଯୋଡ଼ି ନଦୀ କୂଳରେ ଯେଉଁ ରାଜପ୍ରସାଦ ନିର୍ମାଣ ହୋଇଥିଲା ତାହା ଥିଲା 'ଲାଲବାଗ କୋଠୀ'। ଲାଲବାଗ କୋଠୀର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ମୋଗଲ ସୁବେଦାରଙ୍କ ଠାରୁ ମରହଟ୍ଟା, ଇଂରେଜ ଅମଳର ପ୍ରାଦେଶିକ ଶାସନକର୍ତ୍ତାଗଣ ଏହିଠି ଅବସ୍ଥାନ କରୁଥିଲେ। କାଠଯୋଡ଼ି କୂଳର ସୁପ୍ରଶସ୍ତ କ୍ଷେତ୍ର ଉପରେ ତତ୍କାଳୀନ ସୁବେଦାର ମୁତାକ୍ୱାତ୍ ଖାନ ଆଖପାଖ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇଥିଲେ। ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଏଠାରେ ପ୍ରାଦେଶିକ ଶାସନର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସବୁ ନିର୍ମାଣ ହୋଇଥିଲା। ଅନେକ ସରକାରୀ କାର୍ଯ୍ୟାଳୟ ଗଢ଼ି ଉଠିଥିଲା ପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ, ରାଜସ୍ୱ ପରିଷଦ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। କଟକରେ ମୁସଲମାନ କୀର୍ତ୍ତି ସମ୍ପର୍କରେ ଗବେଷଣା କରିଥିବା ପ୍ରଫେସର ଆଲଫତ୍ ହୁସେନଙ୍କ ତଥ୍ୟ ଅନୁଯାୟୀ 'କଟକର ଲାଲବାଗ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳଙ୍କ ବାସସ୍ଥାନ ରୂପରେ ବ୍ୟବହୃତ ହେଉଥିଲା। ୧୬୩୩ ଖ୍ରୀଷ୍ଟାବ୍ଦରେ ବୁଟନ ନାମକ ଜଣେ ଇଂରେଜ ବଣିକ କଟକ ଆସିଥିଲେ। ସେତେବେଳେ ନବାବ ଗୋଟିଏ ପ୍ରାସାଦ ନିର୍ମାଣ କରୁଥାଆନ୍ତି। ସମ୍ଭବତଃ ନବାବଙ୍କ ନାମ ଥିଲା ବାକିର ଖାଁ। ତାଙ୍କରି ନାମାନୁସାରେ କଟକର ଏକ ଅଞ୍ଚଳର ନାମ 'ବାଖରାବାଦ' ରଖାଯାଇଛି। ଆଲିବର୍ଦ୍ଦିନ ଖାଁଙ୍କର ପୁତୁରା ସାଉଲତ୍ ଜଙ୍ଗ ଲାଲବାଗ ଜେଲରେ ବନ୍ଦୀ ଥିଲେ। ସେ ଯେତେବେଳେ ସେଠାରୁ ମୁକ୍ତ ହେଲେ ସେତେବେଳେ ରିଆଜ୍‌ସ ସାଲିତିନ ୧୭୪୨ ଖ୍ରୀଷ୍ଟାବ୍ଦରେ ଏହି ଅଞ୍ଚଳକୁ 'ଲାଲବାଗ' ବୋଲି କହିଥିଲେ। ସେହି ଦିନରୁ ଏହା ଲାଲବାଗ ରୂପେ ପରିଚିତ। ୧୯୪୮ ମସିହାରେ ଏହି କୋଠାର ଏକ ଅଂଶରେ ଶିଶୁରୋଗର ଉନ୍ନତ ଚିକିତ୍ସା ନିମିତ୍ତ 'ଶିଶୁଭବନ' ନିର୍ମାଣ ହୋଇଥିଲା। ତେବେ ଲାଲବାଗ ନାମକରଣକୁ ନେଇ ଐତିହାସିକ ଓ ଗବେଷକମାନଙ୍କ ତଥ୍ୟ ଭିତରେ ଅମେଳ ରହିଛି। ୧୬୧୭ରେ ଅବିଭକ୍ତ ବଙ୍ଗ ଓଡ଼ିଶାର ଶାସନକର୍ତ୍ତା ଥିବା ଲାଲାବେଗଙ୍କ ସ୍ମୃତିରେ ଲାଲବାଗ କୋଠା ତିଆରି ହୋଇଥିଲା ବୋଲି କେହି କେହି କୁହନ୍ତି। ତେବେ ଉଇଲିୟମ ବୁଟନ ସାହେବଙ୍କ ଲିପିବଦ୍ଧ ବିବରଣୀ ଅନୁଯାୟୀ ୧୫୬୮ ମସିହାରେ ମୁକୁନ୍ଦ ଦେବଙ୍କ ପରଠାରୁ ବାରବାଟୀ ଦୁର୍ଗର ପତନ ଆରମ୍ଭ ହୋଇଯାଇଥିଲା। ତତ୍କାଳୀନ ମୋଗଲ ସୁବେଦାରମାନେ ନିଜ ଇଚ୍ଛାନୁଯାୟୀ ଏହି ଭବନର ନାମକରଣ କରିଥିଲେ। ଓଡ଼ିଶାର ଗୌରବପୂର୍ଣ୍ଣ ଇତିହାସରେ ଲାଲବାଗ କୋଠାର ସ୍ମୃତି ଅନେକ। ଲାଲବାଗ କୋଠାର ଶେଷ ସ୍ମୃତି ଏହି ଲାଲବାଗ ଥାନା ଥିଲା। ଆଜି ସମୟର ଆହ୍ୱାନ ଓ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅନେକ ପୁରାତନ ଐତିହ୍ୟ ଓ ସ୍ମୃତିଜଡ଼ିତ ବଡ଼ ବଡ଼ ସ୍ମାରକୀ ସବୁ ଭଙ୍ଗାଯାଇ ନୂଆ ନିର୍ମାଣ ଚାଲିଛି। କିନ୍ତୁ ହଜାର ବର୍ଷର ଭାଇଚାରାର କଟକ ସହରରେ ଲାଲବାଗ ନିଶ୍ଚିତ ଭାବେ ଏକ ଆବେଗ, ସ୍ମୃତି ଓ ସ୍ମାରକୀର ସ୍ଥାନ ହୋଇ ପ୍ରତିଟି କଟକିଆଙ୍କ ହୃଦୟରେ ରହିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS

ଭୁବନେଶ୍ୱର, ୧୪ ଜୁନ୍, ରବିବାର, ୨୦୨୬



# ୩୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ରୋହିତ ଶର୍ମା




**ଧର୍ମଶାଳା**

ରୋହିତ ଶର୍ମା ଏବେ ଆନୁଷ୍ଠାନିକ ଭାବରେ ଭାରତୀୟ କ୍ରିକେଟ୍ ଦଳ ପାଇଁ ଓଡିଆଇ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇପାରିଛନ୍ତି । ସେ ମୋହିନ୍ଦର ଅମରନାଥଙ୍କ ୩୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି । ଧର୍ମଶାଳାରେ ଖେଳାଯାଉଥିବା ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ପ୍ରଥମ ଓଡିଆଇ ପାଇଁ ରୋହିତ ପ୍ଲେଇଂ ଇଲେଭେନର ଅଂଶ ।

ଧର୍ମଶାଳାରେ ଖେଳାଯାଉଥିବା ପ୍ରଥମ ଓଡିଆଇ ନିର୍ଦ୍ଧାରିତ ସମୟଠାରୁ ୪ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା । ଶୁଭମନ ଗିଲ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ରୋହିତ ଶର୍ମା ପଡ଼ିଆକୁ ଓହ୍ଲାଇବା ମାତ୍ରେ ସେ ୩୭ ବର୍ଷ ଧରି ବଜାୟ ଥିବା ମୋହିନ୍ଦର ଅମରନାଥଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ । ଆଜି ପର୍ଯ୍ୟନ୍ତ ସେ ଭାରତ ପାଇଁ ଓଡିଆଇ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି । ସେ ୧୯୮୯ ଅକ୍ଟୋବର ୩୦ରେ ୩୯ ବର୍ଷ ୩୬ ଦିନ ବୟସରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ ।

ରୋହିତ ଶର୍ମା ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ଓଡିଆଇ ଖେଳୁଛନ୍ତି । ବର୍ତ୍ତମାନ ତାଙ୍କର ବୟସ ୩୯ ବର୍ଷ ୪୪ ଦିନ । ରୋହିତ ଏବେ ଭାରତ ପାଇଁ ଓଡିଆଇ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇଯାଇଛନ୍ତି । ସାମଗ୍ରିକ ଭାବରେ ଏହି ରେକର୍ଡ ନେଦରଲାଣ୍ଡର ନୋଲାନ କ୍ଲାର୍କଙ୍କ ନାମରେ ଅଛି, ଯିଏ ୪୭ ବର୍ଷ ୨୫୭ ଦିନ ବୟସରେ ଏକ ଦିନିକିଆ ଖେଳିଥିଲେ ।

# ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ : ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡର ବଡ଼ ବିଜୟ

**ବର୍ମିଂହାମ**

ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପର ନବମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି । ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ ୩୩ଟି ମ୍ୟାଚ୍ ଖେଳାଯିବ । ଇଂଲଣ୍ଡର ୭ଟି ଷ୍ଟାଡିୟମ୍‌ରେ ଆୟୋଜିତ ହେବ । ଇଂଲଣ୍ଡ ଏହା ପୂର୍ବରୁ ୨୦୦୯ ମସିହାରେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ର ପ୍ରଥମ ସଂସ୍କରଣ ଆୟୋଜନ କରିଥିଲା । ୧୭ବର୍ଷ ପରେ ବିଶ୍ୱକପ୍ ଏଠାକୁ ଫେରିଥିବାରୁ ଇଂଲିସ୍ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଏହାକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି ।

ଉଦ୍‌ଘାଟନୀ ମୁକାବିଲାରେ ଇଂଲଣ୍ଡ ୮୭ ରନର ବଡ଼ ବ୍ୟବଧାନରେ ଶ୍ରୀଲଙ୍କାକୁ ହରାଇବା ବି ସେମାନଙ୍କ ଖୁସିକୁ ଦ୍ୱିଗୁଣି କରିଛି ।ଭାରତୀୟ ସମୟ ରାତି ୧୧ଟାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା । ଶ୍ରୀଲଙ୍କା ବୋଲରମାନେ କିନ୍ତୁ ନିଜ ଅଧିନାୟିକା ଚାମରି ଆଟାପାଟ୍ଟୁଙ୍କ ନିଷ୍ପତ୍ତିର ସମ୍ମାନ ରଖି ନଥିଲେ । ଲକ୍ଷ୍ୟହୀନ ବୋଲିଂ କରି ଇଂଲଣ୍ଡକୁ ବଡ଼ ସ୍କୋର୍ କରିବାର ସୁଯୋଗ ଦେଇଥିଲେ । ଅନ୍ୟପକ୍ଷରେ ଘରୋଇ ଇଂଲଣ୍ଡର ଦୁଇ ଓପନର୍ ଡାନି ୱ୍ୱାତ୍-ହଜ୍ (୧୦୫*) ଓ ଆମି ଜୋନ୍ସ (୫୩) ଶ୍ରୀଲଙ୍କା ବୋଲରଙ୍କଦିଗହରା




ବୋଲିଂକୁ ପୂରା ଫାଇଦା ଉଠାଇ ପ୍ରଥମ ୱିକେଟ୍ ଭାଗୀଦାରରେ ୧୩୫ ରନ୍ ସଂଗ୍ରହ କରି ନିଜ ଦଳ ପାଇଁ ଦୃଢ଼ ମୂଳଦୁଆ ପକାଇଥିଲେ । ଚତୁର୍ଦ୍ଦଶ ଓଭରରେ ଜୋନ୍ସଙ୍କୁ ଆଉଟ୍ କରି ମାଲକି ମଦାରା ଉଭୟଙ୍କୁ ଅଲଗା କରିଥିଲେ । ତେବେ ହଜ୍ ଓ ଅଧିନାୟିକା ନାଟ୍ ସ୍କିଭର୍ ବ୍ରଣ୍ଟ (୪୬*) ଅବିଭାଜିତ ଦ୍ୱିତୀୟ ୱିକେଟୟଷହ ଦ୍ରୁତ ୮୪ ରନ୍ ଯୋଡ଼ି ଇଂଲଣ୍ଡ ସ୍କୋରକୁ ୨୧୯/୧ରେ ପହଞ୍ଚାଇ ଦେଇଥିଲେ । ହଜ୍ ଧମାକାଦାର ବ୍ୟାଟିଂ କରି ମାତ୍ର ୬୧ ବଲରୁ ତିନି ଅଙ୍କ ଛୁଇଁବା ସହ ବିଶ୍ୱକପର ପ୍ରଥମ ଶତକ ହାସଲକାରୀ ହୋଇଥିଲେ ।

ଏହାର ଜବାବରେ ଶ୍ରୀଲଙ୍କା ବଡ଼ ବିଜୟ ଲକ୍ଷ୍ୟର ଚାପରେ ଚାପି ହୋଇ ମାତ୍ର ୧୩୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ମଧ୍ୟକ୍ରମ ବ୍ୟାଟର୍ ନୀଳାକ୍ଷିକା ସିଲଭା କିଛିଟା ଲଢ଼େଇ କରି ୩୯ ରନର ସର୍ବୋଚ୍ଚ ପାଳି ଖେଳିଥିଲେ । ଇଂଲଣ୍ଡ ପକ୍ଷରୁ ଫ୍ରେୟା କେମ୍ପ୍ ଶାଣିତ ବୋଲିଂ କରି ମାତ୍ର ୨୨ ରନ୍ ବିନିମୟରେ ୪ ୱିକେଟ୍ କରାୟତ୍ତ କରିଥିଲେ । ହଜ୍‌ଙ୍କୁ ତାଙ୍କ ଶତକୀୟ ପାଳି ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା ।

ରବିବାରଠୁ ଭାରତର ଅଭିଯାନ ଟାଇଟଲ୍ ଫେବରିଟ୍ ଭାରତ ରବିବାରଠାରୁ ତା'ର ଅଭିଯାନ ଆରମ୍ଭ କରିବ । ହାଇଭୋଲଟେଜ୍ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ । ଏହି ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ ଏବଂ ବର୍ମିଂହାମଠାରେ ଖେଳାଯିବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଖେଳିବାକୁ ଯାଉଥିବା ଭାରତୀୟ ଦଳ ପୂର୍ବରୁ ୮ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳି କେବେବି ଜିତିନି । ୨୦୨୦ରେ ଉପବିଜେତା ହେବା ହିଁ ଦଳର ଶ୍ରେଷ୍ଠ ପ୍ରଦର୍ଶନ ହୋଇରହିଛି । ଚଳିତ ଥର ଗ୍ରୁପ୍-ଏ'ରେ ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ନେଦରଲାଣ୍ଡ୍ସ ସହ ଥିବା ଭାରତ ପ୍ରଥମ ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ରହିଛି । ମହିଳା ଦିନିକିଆ ବିଶ୍ୱକପ୍ ଜିତି ସାରିଥିବାରୁ ଏହି ପ୍ରତୀକ୍ଷିତ ଲକ୍ଷ୍ୟକୁ ଭାରତ ଚଳିତ ସଂସ୍କରଣରେ ପୂରଣ କରିବାକୁ ପୂରା ସକ୍ଷମ ବୋଲି ମଧ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି । ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ସବୁବେଳେ ଭଲ ରହି ଆସିଥିବାରୁ ଏଥର ମଧ୍ୟ ସେହି ସଫଳତା ଦୋହରାଇବେ ବୋଲି ହରମନପ୍ରୀତ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଉଭୟ ଦଳ ପରସ୍ପର ବିପକ୍ଷରେ ୧୫ଟି ଟ୍ୱେଣ୍ଟି-୨୦ ଖେଳିଛନ୍ତି । ସେଥିମଧ୍ୟରୁ ଭାରତ ୧୨ ଏବଂ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି ।

# ମାତ୍ର ୧୦ ବର୍ଷ ବୟସରେ କମାଲ କଲେଣି ବୈଭବ ସୂର୍ଯ୍ୟବଂଶୀଙ୍କ ସାନ ଭାଇ



**ପାଟନା**

ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବ୍ୟାଟିଂରେ ଚହଳ ସୃଷ୍ଟି କରି ଟିମ ଇଣ୍ଡିଆରେ ସ୍ଥାନ ପାଇଥିଲେ ଏବଂ ଏବେ ତାଙ୍କ ସାନ ଭାଇ ସମାନ ପ୍ରଭାବ ପକାଇବାକୁ ପ୍ରସ୍ତୁତ ହୋଇଗଲେଣି । ବୈଭବଙ୍କ ସାନ ଭାଇ ଆର୍ଶିବାଦ ସମସ୍ତିପୁରରେ ଏକ ସ୍ଥାନୀୟ ଟୁର୍ଣ୍ଣାମେଣ୍ଟରେ ଏକ ଧମାକାଦାର ଶତକ ମାରି ଚର୍ଚ୍ଚାକୁ ଆସିଛନ୍ତି ।

ତେଜପୁର କ୍ରିକେଟ ଏକାଡେମୀ ପାଇଁ ଖେଳି, ଆର୍ଶିବାଦ ୮୭ ବଲ ରୁ ୧୦୩ ରନ କରିଥିଲେ । ତାଙ୍କ ଇନିଂସରେ ୨୦ ଚୌକା ଏବଂ ଗୋଟିଏ ଛକା ଥିଲା, ଯାହାର ଷ୍ଟ୍ରାଇକ ରେଟ ୧୧୮.୩୯ ଥିଲା ।

ବୈଭବ ତାଙ୍କ ସାନ ଭାଇଙ୍କ ଚମତ୍କାର ଇନିଂସରେ ଖୁସି ହୋଇଥିଲେ ଏବଂ ସୋସିଆଲ ମିଡିଆରେ ଖୁସି ପ୍ରକାଶ କରିଥିଲେ ଏବଂ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ବୈଭବ ନିଜ ବିସ୍ଫୋରକ ବ୍ୟାଟିଂରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି, ଏବଂ ଏହା ଦେଖାଯାଉଛି ଯେ ତାଙ୍କ ସାନ ଭାଇ ତାଙ୍କ ପଦାଙ୍କ ଅନୁସରଣ କରୁଛନ୍ତି ।

ବୈଭବ ମଧ୍ୟ ବହୁତ କମ ବୟସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ; ସେ ମାତ୍ର ୧୪ ବର୍ଷ ବୟସରେ ଆଇପିଏଲ ଦଳ ରାଜସ୍ଥାନ ରୟାଲ୍ସର ଅଂଶ ହୋଇଥିଲେ ଏବଂ ୧୫ ବର୍ଷ ବୟସରେ ଡେବ୍ୟୁ କରିଥିଲେ । ସେ ଆଇପିଏଲ ୨୦୨୬ରେ ଚମତ୍କାର ପ୍ରଦର୍ଶନ କରିଥିଲେ, ୭୭୬ ରନ ସହିତ ସିଜନର ସର୍ବାଧିକ ରନ ସ୍କୋରର ଭାବରେ ଉଭା ହୋଇଥିଲେ ଏବଂ ଅରେଞ୍ଜ କ୍ୟାପ ଜିତିଥିଲେ । ସମ୍ପ୍ରତି, ତାଙ୍କୁ ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳରେ ଚୟନ କରାଯାଇଥିଲା ଏବଂ ଏସୀୟ କ୍ରୀଡ଼ା ଦଳରେ ମଧ୍ୟ ସ୍ଥାନ ମିଳିଥିଲା ।

# ଅଷ୍ଟ୍ରେଲିଆନ୍ ଓପନ୍ ସେମିରେ ହାରିଲେ ପିଭି ସିନ୍ଧୁ

**ସିଡ୍‌ନୀ**

ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ଭାରତୀୟ ଲଳନାପିଭି ସିନ୍ଧୁଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡମିଣ୍ଟନ୍ ଅଭିଯାନ ସେମିଫାଇନାଲ୍‌ରେ ଶେଷ ହୋଇଯାଇଛି । ଶନିବାର ତାଙ୍କୁ ବିଶ୍ୱ ବିଜୟିନୀ ତଥା ଟପ୍ ସିଡ୍ ଜାପାନର ଅକାନେ ୟାମାଗୁଚି ୨୦-୨୨, ୧୨-୨୧ ସିଧାସଳଖ ସେଟ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛନ୍ତି । ଚଳିତବର୍ଷ ନିଜର ପ୍ରଥମ ଫାଇନାଲ୍ ପ୍ରବେଶ ଲକ୍ଷ୍ୟରେ ଥିବା ତୃତୀୟ ସିଡ୍ ସିନ୍ଧୁ ପ୍ରଥମ ସେଟ୍‌ରେ ୟାମାଗୁଚିଙ୍କୁ କଡ଼ା ଟକ୍କର ଦେଇଥିଲେ । ତେବେ ଏହାକୁ ୨ ପଏଣ୍ଟରେ ହାରିବା ପରେ ମନୋବଳ ହରାଇ ବସିଥିଲେ । ଫଳରେ ଦ୍ୱିତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆଶାଜନକ ଲଢ଼େଇ କରି ନପାରି ସହଜରେ ପରାଜିତ ହୋଇଥିଲେ ।

ସିନ୍ଧୁଙ୍କ ବିପକ୍ଷରେ ୟାଗାଗୁଚିଙ୍କର ଏହା କ୍ରମାଗତ ଷଷ୍ଠ ବିଜୟ ଥିଲା । ୟାମାଗୁଚି ମଧ୍ୟ ଲଗାତାର ଚତୁର୍ଥ ଥର ପାଇଁ କୌଣସି ସୁପର ସିରିଜ୍ ପ୍ରତିଯୋଗିତାର ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି । ଚଳିତ ବର୍ଷ ମେ ମାସରେ ସେ ଥାଇଲାଣ୍ଡ ଓପନ୍




ଜିତିବା ସହ ସିଙ୍ଗାପୁର ଓ ଇଣ୍ଡୋନେସିଆ ଓପନରେ ଉପବିଜୟିନୀ ହୋଇଥିଲେ । ରବିବାରର ଫାଇନାଲ୍‌ରେ ୟାମାଗୁଚି ନିଜର ଅନ୍ୟତମ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଥାଇଲାଣ୍ଡର ପର୍ଣ୍ଣାପୱି ଚୋଚୁୱଙ୍ଗଙ୍କୁ ଭେଟିବେ । ସିନ୍ଧୁ ପରାଜିତ ହେବା ସହ ଚଳିତବର୍ଷର ଅଷ୍ଟ୍ରେଲିଆନ୍ ଓପନ୍‌ର ଭାରତୀୟ ଅଭିଯାନ ମଧ୍ୟ ଶେଷ ହୋଇଯାଇଛି । କାରଣ ତାଙ୍କ ବ୍ୟତିତ ଅନ୍ୟ କୌଣସି ଭାରତୀୟ ଏହି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍ ଆଗକୁ ବଢ଼ି ନଥିଲେ ।

# ମରକୋ ବିପକ୍ଷରେ ଖେଳିବେନି ନେମାର

**ନ୍ୟୁଜର୍ସି**

ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ପୂର୍ବରୁ ସଫଳତମ ଦଳ ବ୍ରାଜିଲକୁ ଏକ ବହୁତ ବଡ଼ ଝଟ୍‌କା ଲାଗିଛି । ରବିବାରର ମରକକୋ ବିପକ୍ଷ ପ୍ରଥମ ମ୍ୟାଚ୍‌ରୁ ଏହି ଦଳର ତାରକା ଖେଳାଳି ନେମାର (ଜୁନିଅର) ବାଦ୍ ପଡ଼ିଛନ୍ତି । ଶନିବାର ପ୍ରଶିକ୍ଷକ କାର୍ଲୋ ଆନସେଲୋଟି ଏକଥା ସ୍ପଷ୍ଟ କରିଛନ୍ତି ।



ବ୍ରାଜିଲ ଏଥର ଷଷ୍ଠ ଥର ପାଇଁ ବିଜେତା ହେବାକୁ ଲକ୍ଷ୍ୟ ରଖିଛି

୫ଥର ବିଜେତା ବ୍ରାଜିଲ ତଥା ଗତ ବିଶ୍ୱକପର ସେମିଫାଇନାଲିଷ୍ଟ ବ୍ରାଜିଲ ଏଥର ଷଷ୍ଠ ଥର ପାଇଁ ବିଜେତା ହେବାକୁ ଲକ୍ଷ୍ୟ ରଖିଛି । ତେବେ ନେମାରଙ୍କ ଆଘାତ ଜନିତ ସମସ୍ୟା ଏହି ଦିଗରେ ଏକ ବଡ଼ ପ୍ରତିବନ୍ଧକ ଭାବେ ବିବେଚନା କରାଯାଉଛି । ସୂଚନାଯୋଗ୍ୟ ଯେ ନଳିଗୋଡ଼ରେ ଆଘାତ ଲାଗି ନେମାର ଢେର କିଛି ଦିନ ହେବ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଦୂରେଇ ରହିଥିଲା ବେଳେ ବିଶ୍ୱକପ୍ ବେଳକୁ ସେ ପୂରା ଠିକ୍ ହୋଇଯାଇଥିବେ ବୋଲି ଆଶା କରାଯାଉଥିଲା । ତେବେ ଏହା ସମ୍ଭବ ହୋଇ ନହେବା ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଛି । ତେବେ ୩୪ବର୍ଷୀୟ ନେମାର ଦ୍ରୁତ ଆରୋଗ୍ୟ ପଥରେ ରହିଛନ୍ତି । ସବୁକିଛି ଠିକ୍ ରହିଲେ ଆମର ଦ୍ୱିତୀୟ ମ୍ୟାଚ୍ ସେ ଖେଳିବେ ବୋଲି ଆନସେଲୋଟି ଦୃଢ଼ ଆଶା ପୋଷଣ କରିଛନ୍ତି ।

# ଆମେରିକାର ସ୍ୱପ୍ନର ଶୁଭାରମ୍ଭ, ପାରାଗୁଏକୁ ୪-୧ ଗୋଲ୍‌ରେ ହରାଇଲା



**ଲସ୍‌ଏଞ୍ଜେଲ୍‌ସ**

ଅନ୍ୟତମ ସହ ଆୟୋଜକ ଆମେରିକା ଚଳିତ ଫୁଟ୍‌ବଲ୍ ବିଶ୍ୱକପ୍‌ରେ ଆଧିପତ୍ୟଭରା ଆରମ୍ଭ କରିଛି । ଶନିବାର ସକାଳେ (ଭାରତୀୟ ସମୟ) ଖେଳିଥିବା ନିଜ ପ୍ରଥମ ମ୍ୟାଚ୍‌ରେ ପାରାଗୁଏକୁ ଏକତରଫା ଭାବେ ୪-୧ ଗୋଲ୍‌ରେ ହରାଇ ଦେଇଛି । ଫଳରେ ଘରୋଇ ପରିବେଶରେ ପ୍ରଥମ ଥର ବିଜେତା ହେବା ଲାଗି ପ୍ରଥମ ପାହାଚ ଚଢ଼ିଛି । ବିଶ୍ୱକପ୍‌ରେ ଆମେରିକାର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ତୃତୀୟ ସ୍ଥାନ ।

# ଆଫଗାନିସ୍ତାନକୁ ୭ୱିକେଟ୍‌ରେ ପରାସ୍ତ କଲା ଭାରତ

**ଧର୍ମଶାଳା:**

ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ପ୍ରଥମ ମୁକାବିଲା ଖେଳାଯାଇଛି । ଏହି ମ୍ୟାଚ୍‌ରେ ଅତିଥି ଟିମ୍‌କୁ ଘରୋଇ ଦଳ ୭ୱିକେଟ୍‌ରେ ପରାସ୍ତ କରିଛି । ଭାରତ ୧୯୫ ରନ୍‌ର ବିଜୟ ଲକ୍ଷ୍ୟକୁ ୨୨.୫ ଓଭରରେ ୩ୱିକେଟ ହରାଇ ହାସଲ କରିଛି । ଭାରତ ପାଇଁ ଅଧିନାୟକ ଶୁଭମନ ଗିଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୬୬ଟି ବଲ୍ ଖେଳି ୧୧ଟ ଚୌକା ଏବଂ ୨ଟି ଛକା ସହାୟତାରେ ଅପରାଜିତ ୮୪ ରନ୍ କରିଥିଲେ । ସେହିପରି କେଏଲ୍ ରାହୁଲ ଅପରାଜିତ ୩୯ ରନ୍ କରିଥିଲେ, ଯେଉଁଥିରେ ସେ ୪ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ । ରୋହିତ ଶର୍ମା ୧୬ ରନ୍, ଇଶାନ କିଶନ ୩୪ ରନ୍ ଏବଂ ଶ୍ରେୟସ ଆୟର ୧୨ ରନ୍ କରିଥିଲେ । ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ବର୍ଷା ବାଧିତ ମ୍ୟାଚ୍‌କୁ ୨୫-୨୫ ଓଭର କରିଦିଆଯାଇଥିଲା । ରହମାନୁଲ୍ଲା ଗୁରବାଜଙ୍କ ବିସ୍ଫୋରକ ଶତକ ବଳରେ ଆଫଗାନିସ୍ତାନ ୨୪.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା । ଆଫଗାନିସ୍ତାନ ପାଇଁ ଗୁରବାଜ ଏବଂ ଇବ୍ରାହିମ ଜର୍ଦାନ ବ୍ୟାଟିଂ କରିଥିଲେ । ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ୨୬ ରନ୍ ବେଳକୁ ଆଗଧାଡ଼ିର ୩ଜଣ ଖେଳାଳିଙ୍କୁ ହରାଇଥିଲା । ସ୍କୋର ୧୩ ରନ୍‌ରେ ଇବ୍ରାହିମ, ୧୬ ରନ୍‌ରେ ସଦ୍ଦିକଲ୍ଲା ଅଟଳ ଏବଂ ୨୬ ରନ୍‌ରେ ରହମତ ଶାହ ଆଉଟ୍ ହୋଇଥିଲେ । ତେବେ ଦଳ ପାଇଁ ଏକାକୀ ଲଢ଼ିଥିଲେ ଗୁରବାଜ । ସେ ୫୧ଟି ବଲ୍ ଖେଳି ୧୦୨ ରନ୍ ସଂଗ୍ରହ କରିଥିଲେ । ଏଥିରେ ୮ଟି ଚୌକା ଏବଂ ୮ଟି ଛକା




ସାମିଲ ଥିଲା । ହସମତୁଲ୍ଲା ସାହିଦୀ ୨୭ ରନ୍ ଏବଂ ଆଜମତୁଲ୍ଲା ଓମାରଜଇ ୨୬ ରନ୍ ସଂଗ୍ରହ କରିଥିଲେ । ମହମ୍ମଦ ନବି ଏବଂ ରସିଦ ଖାନ ୯-୯ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ପଦାର୍ପଣ କରିଥିବା ଗୁରନୁର ବ୍ରାର ୩ଟି ୱିକେଟ ଅକ୍ତିଆର କରିଥିଲେ । ସେହିପରି ହର୍ଷ ଦୁବେ ମଧ୍ୟ ୩ ୱିକେଟ୍ ନେଇଥିଲେ । ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ନିତିଶ କୁମାର ରେଡ୍ଡୀଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା ।

## ଡିଆରକେ କପ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଜଗଦ୍ଧାତ୍ରୀ ସୁପର କିଙ୍ଗସ ଟିମ୍ ଚମ୍ପିୟାନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଦ୍ୱାରା ଆୟୋଜିତ ଡିଆରକେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ୫ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଜଗଦ୍ଧାତ୍ରୀ ସୁପର କିଙ୍ଗସ ଟିମ ୩୪ ରନରେ ଲାଲବଜାର ୱରିୟାର୍ସ କୁ ପରାସ୍ତ କରି ୨ୟ ବର୍ଷର ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଜଗଦ୍ଧାତ୍ରୀ ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୬୬, ଶୁଭମ ନାଏକ ୨୬ ଓ ମନୁ ରାମ ୨୧ ରନ କରିଥିବା ବେଳେ ବିପକ୍ଷ ଦଳର ଯଶୋବନ୍ତ ମାଝୀ ୫ଟି ଓ ଆଦିତ୍ୟ କୁମାର ବସା ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଲାଲବଜାର ଦଳ ୨୦ ଓଭରରେ ୮ ୱିକେଟ ୧୫୫ ରନ କରିପାରଥିଲେ । ଦଳ ପକ୍ଷରୁ ଦିବ୍ୟାଲୋଚନ ଦାଶ ୪୭ ଓ ଆଦିତ୍ୟ କୁମାର ବସା ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ୩ଟି ଓ ଅଭିଷେକ କୁମାର ଯାଦବ ୨ଟି ୱିକେଟ ଅକ୍ତିଆର କରିଥିଲେ । ଦିଲ୍ଲୀପ କୁମାର ଦାସ ଓ ଶେଖ ଅମଜୀତ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଙ୍ଗରେ ସହଯୋଗ କରିଥିଲେ ଏବଂ ପଙ୍କଜ ମହାକୁଡ଼ ଧାରବିବରଣୀ ପ୍ରଦାନ କରିଥିଲେ । ଚମ୍ପିୟାନ ଦଳକୁ ୧ଲକ୍ଷ ୨୦ହଜାର ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୮୦ ହଜାର ଟଙ୍କା ଓ ପ୍ରଦାନ କରାଯାଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭିଷେକ କୁମାର ଯାଦବ, ଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ବେହେରା, ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଅଭିଜ୍ଞାନ ମହାନ୍ତି, ଶ୍ରେଷ୍ଠ ବୋଲର ଭାବେ ଯଶୋବନ୍ତ ମାଝୀ ଓ ଶ୍ରେଷ୍ଠ ଫିଲଡର ଭାବେ ଶୁଭମ ନାଏକ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ସରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସମାଜସେବୀ କାଶୀନାଥ ରଣା, ସମାଜସେବୀ ନନ୍ଦିକେଶ ଶେଜପଡା, କ୍ରୀଡା ସଂଗଠକ ନିରୋଜ ସାହୁ, ଅମର କୁମାର ସେଠି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ଓ ମାନସ ଧଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ସଚେତନତା ରଥ ଉଦ୍‌ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଶିଶୁ ଶ୍ରମକୁ ଲାଲ କାର୍ଡ ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ପାଳନ ଅବସରରେ ସଚେତନତା ରଥ ଉଦଘାଟିତ । ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସାମୁହିକ ସଚେନତତା ପାଇଁ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ସିଏସିଏଲ ଓଡିଶା ଓ ସୁବର୍ଣ୍ଣପୁର ତରଫରୁ ଶିଶୁ ଶ୍ରମକୁ ଲାଲ କାର୍ଡ ଓ ଶିଶୁ ଶ୍ରମକୁ ନିରୋଧ କରିବା ପାଇଁ ଦସ୍ତଖତ ଅଭିଯାନ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଆର ଓ ଗ୍ରାମୋତ୍‌ଥାନ ଦ୍ୱାରା କରାଯାଇଛି । ଏହି କାର୍ଯକ୍ରମରେ ଜିଲ୍ଲାପାଳ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି , ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଦେବାଶିଷ ଦାଶ , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଉଷରାଣୀ ଦାଶ, ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷା ଲୀନା ବାବୁ, ଜିଲ୍ଲା ସହ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର , ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତନନ୍ଦ ସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଗଣମାଧ୍ୟମର ପ୍ରତିନିଧି ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# କେନ୍ଦୁଝର ଜିଲ୍ଲାରେ ଯୋଗ ଦିବସ ସଫଳତାର ସହ ପାଳନ ପାଇଁ ପଦକ୍ଷେପ

**କେନ୍ଦୁଝର, ନ୍ୟୁଜ୍**

ଆଗାମୀ ଅନ୍ତର୍ଜାତୀୟ ଯୋଗ ଦିବସ -୨୦୨୬କୁ ଜିଲ୍ଲାରେ ବ୍ୟାପକ ଓ ସଫଳତାର ସହ ପାଳନ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଓସୱାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ବୈଠକ ର ନିଷ୍ପତ୍ତି ଅନୁଯାୟୀ ଯୋଗ ଦିବସର ସୁଚାରୁ ପରିଚାଳନା ପାଇଁ ବ୍ଲକ ସ୍ତରରେ ସମ୍ପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ




ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କମିଟି ଗଠନ କରାଯିବ । ଜିଲ୍ଲା ଓ ବ୍ଲକ ଯୋଗ ମହୋତ୍ସବ ସମିତି ସହ ଆଲୋଚନା କରି ପ୍ରତି କାର୍ଯ୍ୟକ୍ରମ ପାଇଁ ପ୍ରମାଣିତ ଯୋଗ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରାଯିବ । ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ୪୫ ମିନିଟର 'ସାଧାରଣ ଯୋଗ ପ୍ରୋଟୋକଲ' ଅନୁଷ୍ଠିତ ହେବ ଏବଂ ଏହା ପରେ ସମସ୍ତେ ଯୋଗ ଶପଥ ପାଠ କରିବେ । ପ୍ରତି ବ୍ଲକ ଏବଂ ପୌରପାଳିକା ସ୍ତରରେ ଅତିକମରେ ୨୦୦ ଜଣ ଏବଂ ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଅତିକମରେ ୫୦ ଜଣ ଅଂଶଗ୍ରହଣକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।ଯୋଗ ଫୋରମ୍ ଗୁଡିକରେ ସଠିକ୍ ମଞ୍ଚ ପ୍ରସ୍ତୁତି, ସାଉଣ୍ଡ ସିଷ୍ଟମ, ପାନୀୟ ଜଳ, ବ୍ୟାନର ଏବଂ ଶୌଚାଳୟ ଭଳି ସମସ୍ତ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସଫଳ ଆୟୋଜନ ପାଇଁ ପ୍ରତି ବ୍ଲକ ଓ ପୌରପାଳିକାକୁ ୧୫,୦୦୦ ଟଙ୍କା ଏବଂ ପ୍ରତି ଗ୍ରାମ ପଞ୍ଚାୟତକୁ ୨,୦୦୦ ଟଙ୍କାର ପାଣ୍ଠି ପ୍ରଦାନ କରାଯିବ ଏବଂ କାର୍ଯ୍ୟକ୍ରମ ଶେଷ ହେବା ପରେ ତୁରନ୍ତ ଉପଯୋଗିତା ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି । ଏହି ବୈଠକରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏଥିସହ ଯୋଗ ମହୋତ୍ସବ ସମିତିର ଜିଲ୍ଲା ସଂଯୋଜକ ମହେନ୍ଦ୍ର କୁମାର ସାହୁ, ଓଆରଏସ୍ – ଜିଲ୍ଲା କ୍ରୀଡ଼ା ଅଧିକାରୀ, ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ, ଜିଲ୍ଲା ମୁଖ୍ୟ ଶିକ୍ଷକ (ଯୋଗ ମହୋତ୍ସବ ସମିତି) ଦୁଃଶାସନ ମହାନ୍ତଙ୍କ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



**ପୁରୀ, ନ୍ୟୁଜ ବ୍ୟୁରୋ**

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଶନିବାର ଦିନ ରାଜ୍ୟର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟିଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି । ମନ୍ଦିରରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ। ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଓ ଜିଲ୍ଲାପାଳ ଶ୍ରୀ ପରିଡ଼ା ରାଜ୍ୟପାଳଙ୍କୁ ମନ୍ଦିର ପ୍ରଶାସନ, ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

# ରଷରେ ପୁଣି ଚମକିଲେ ସୁଦର୍ଶନ: ଜିତିଲେ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ୨୦୨୬



**ପୁରୀ, ନ୍ୟୁଜ ବ୍ୟୁରୋ**

ରଷରେ ପୁଣି ଚମକିଲେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ଜିତିଲେ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ୨୦୨୬ । ବିଶ୍ୱପ୍ରସିଦ୍ଧ ଓଡ଼ିଆ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ଦେଶ ଓ ରାଜ୍ୟର ଗୌରବ ବଢ଼ାଇଛନ୍ତି । ରଷର କାଲିନିନଗ୍ରାଡ୍ ଅଞ୍ଚଳରେ ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ ବାଲୁକା ଭାସ୍କର୍ଯ୍ୟ ମହୋତ୍ସବରେ ସେ ପ୍ରତିଷ୍ଠିତ 'ରଷିଆ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ୨୦୨୬' ବିଜେତା ହୋଇଛନ୍ତି । ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସୁଦର୍ଶନ ହେଉଛନ୍ତି ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ । ଗ୍ଲୋବାଲ୍ ୱାର୍ମିଂ ଉପରେ ସୁଦର୍ଶନ ପ୍ରସ୍ତୁତ କରିଥିଲେ ଚିତ୍ତାକର୍ଷକ କଳାକୃତି।

ଜୁନ୍ ୧୧ରୁ ଆରମ୍ଭ ହୋଇଥିବା ଏହି ଅନ୍ତର୍ଜାତୀୟ ମହୋତ୍ସବରେ ସୁଦର୍ଶନ ବିଶ୍ୱର ଏକ ପ୍ରମୁଖ ସମସ୍ୟା 'ଗ୍ଲୋବାଲ୍ ୱାର୍ମିଂ' ଉପରେ ଏକ ପ୍ରଭାବଶାଳୀ ବାଲୁକା କଳା ପ୍ରଦର୍ଶନ କରିଥିଲେ । ବାଲୁକା କଳା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ଏହି ଜନସଚେତନତାଧର୍ମୀ କଳାକୃତି ପାଇଁ ଉତ୍ସବର ସ୍ୱତନ୍ତ୍ର ଜୁରୀ କମିଟି ସର୍ବସମ୍ମତି କ୍ରମେ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରିଥିଲେ।

ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ମହାନିର୍ଦ୍ଦେଶକ ଆଲେନା ଆଲେକ୍ସାଣ୍ଡ୍ରୋଭନା ସୁଦର୍ଶନଙ୍କୁ ଏହି ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ଏବଂ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି । ଏହି ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶରୁ ପ୍ରତିନିଧିତ୍ୱ କରୁଥିବା ୧୨ ଜଣ ପ୍ରତିଷ୍ଠିତ ବାଲୁକା ଶିଳ୍ପୀ ଭାଗ ନେଇଥିଲେ ।

ଧରିତ୍ରୀର ଦୁଇଟି ରୂପକୁ ନେଇ ସୁଦର୍ଶନଙ୍କ ଦ୍ୱାରା ନିର୍ମିତ ଏହି ପୁରସ୍କାର ପ୍ରାପ୍ତ ବାଲୁକା ଭାସ୍କର୍ଯ୍ୟଟିର ଉଚ୍ଚତା ୩ ମିଟର ଥିଲା । ଏଥିରେ ପୃଥିବୀର ଦୁଇଟି ଭିନ୍ନ ଓ ବିପରୀତ ରୂପକୁ ଅତି ନିଖୁଣ ଭାବେ ଦର୍ଶାଯାଇଥିଲା । ଏକ ପାର୍ଶ୍ୱରେ ପରିବେଶ ଅବକ୍ଷୟ ଯୋଗୁଁ ଶୁଖିଲା ଓ ନଷ୍ଟ ହୋଇଯାଇଥିବା ଏକ ବିପର୍ଯ୍ୟସ୍ତ ପୃଥିବୀର ଚିତ୍ର ତ ଅନ୍ୟ ପାର୍ଶ୍ୱରେ ବୃକ୍ଷରୋପଣ ଏବଂ ପରିବେଶ ସଂରକ୍ଷଣ ମାଧ୍ୟମରେ ସୃଷ୍ଟି ହୋଇଥିବା ଏକ ଆଶାବାଦୀ ସବୁଜ ସୁନ୍ଦର ପୃଥିବୀ।

ଭାସ୍କର୍ଯ୍ୟ ମାଧ୍ୟମରେ ଅଙ୍ଗାରକାମ୍ଳ ଶୋଷଣ, ଅମ୍ଳଜାନ ନିର୍ଗମନ, ଜଳ ସଂରକ୍ଷଣ, ମୃତ୍ତିକା କ୍ଷୟ ରୋଧ ଏବଂ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ ଗଛର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା । ସୁଦର୍ଶନଙ୍କ ଏହି ସୃଜନଶୀଳତା ଏବଂ କଳା ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି କରିବାର ପ୍ରୟାସକୁ ଜୁରୀ କମିଟି ଉଚ୍ଚ ପ୍ରଶଂସା କରିଛନ୍ତି । ଓଡ଼ିଶା ମାଟିର ପୁଅ ସୁଦର୍ଶନ ପଟ୍ଟନାୟକ ସବୁବେଳେ ନିଜ ବାଲୁକା କଳା ମାଧ୍ୟମରେ ବିଭିନ୍ନ ସାମାଜିକ, ପରିବେଶ ସମ୍ବନ୍ଧୀୟ ଏବଂ ବିଶ୍ୱସ୍ତରୀୟ ସମସ୍ୟା ଉପରେ ସଚେତନତା ବାର୍ତ୍ତା ବାଣ୍ଟି ଆସୁଛନ୍ତି । ଏହି ଅନ୍ତର୍ଜାତୀୟ ସଫଳତା ପାଇଁ ସାରା ବିଶ୍ୱରୁ ଏବଂ ଓଡ଼ିଶାରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ରେକର୍ଡ ସମୟରେ ୯୮.୬୫ % ପରିଗଣନା ଫର୍ମ ବଣ୍ଟନ : ତ୍ୱରାନ୍ୱିତ ହେଉଛି ଡିଜିଟାଇଜେସନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ତ୍ୱରିତ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯୮.୬୫ ପ୍ରତିଶତ ରେ ପହଞ୍ଚିଛି । ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବାବେଳେ ବର୍ତ୍ତମାନ ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ ଉପରେ ଗୁରୁତ୍ୱ ଦିଆଯାଉଛି । ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ପରିଗଣନା ଫର୍ମ ସଂଗ୍ରହ କରିବା ପରେ ସେଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଡିଜିଟାଇଜ କରୁଛନ୍ତି । ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ନିଜ ବିଏଲ୍‌ଓଙ୍କ ନିକଟରେ ଏହା ଜମା କରିବାକୁ ଅନୁରୋଧ କରାଯାଇଛି ।



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧୩ ଜୁନ ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟର ମୋଟ ୩ କୋଟି ୨୯ ଲକ୍ଷ ୬୪ ହଜାର ୫୦୧ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ କରାଯାଇସାରିଛି । ଯାହା ମୋଟ ଭୋଟରଙ୍କର ୯୮.୬୫ ପ୍ରତିଶତ । ସେହିପରି ଏପର୍ଯ୍ୟନ୍ତ ୯୫ ଲକ୍ଷ ୪୧ ହଜାର ୯୨୪ଟି ପରିଗଣନା ଫର୍ମ ସଫଳତାର ସହ ଡିଜିଟାଇଜ ହୋଇଛି । ଯାହା ମୋଟ ଭୋଟରଙ୍କର ୨୮.୫୭ ପ୍ରତିଶତ । ଆସନ୍ତା ଦିନଗୁଡ଼ିକରେ ଏହି ଡିଜିଟାଇଜେସନ୍ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଉଛି ।

ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବିଏଲ୍‌ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଗଣନା ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ସମ୍ପର୍କରେ ନିୟମାନୁସାରେ ଯାଞ୍ଚ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ । ସେଥିପାଇଁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜର ପରିଗଣନା ଫର୍ମ ଶୀଘ୍ର ଦାଖଲ କରିବାକୁ କୁହାଯାଇଛି ।

ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ୱେବସାଇଟରୁ ପରିଗଣନା ଫର୍ମ ଡାଉନଲୋଡ କରି ନିଜେ ଅନଲାଇନ୍‌ରେ ମଧ୍ୟ ଦାଖଲ କରିପାରିବେ । ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସୂଚନା କିମ୍ବା ସହାୟତା ପାଇଁ ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ରେ ଯୋଗାଯୋଗ କରାଯାଇପାରିବ । ଏହି ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁଦୂରପ୍ରସାରୀ ଓ ସଫଳ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ରାଜ୍ୟର ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମ, ପ୍ରିଣ୍ଟ ମିଡ଼ିଆ, ରେଡ଼ିଓ ଏବଂ ସିନେମା ହଲ ଗୁଡ଼ିକରେ ଏସଆଇଆର ସମ୍ପର୍କିତ ସଚେତନତା ବିଜ୍ଞାପନ ଓ ସୂଚନା ପ୍ରସାରଣ କରାଯାଉଛି । ଗଣତନ୍ତ୍ରର ଏହି ମହତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଭୋଟରଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହ ଭୋଟର ତାଲିକାକୁ ସଠିକ୍, ଅଦ୍ୟତନ ଓ ତ୍ରୁଟିମୁକ୍ତ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ।

## ପେନ୍‌ସନ ଓ ଅବସର ପ୍ରାପ୍ୟ ନ ମିଳିବା ମାମଲା

# ଦୁଇ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**

ଅବସର ଗ୍ରହଣ କରିବାର ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ କର୍ମଚାରୀଙ୍କୁ ପେନ୍‌ସନ ଓ ଅନ୍ୟ ଅବସର ସୁବିଧା ନ ମିଳିବା ଘଟଣାରେ ଓଡ଼ିଶା ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ସୁରେନ୍ଦ୍ର କୁମାର ଚୌବେ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର ହୋଇଥିବା ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଦୁଇ ଜଣ ସରକାରୀ ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର



ପରବର୍ତ୍ତୀ ଶୁଣାଣି ସମୟରେ କଳାହାଣ୍ଡି ଜିଲାପାଳଙ୍କୁ ହାଜର କରାଇବାକୁ କଳାହାଣ୍ଡି ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲାପାଳଙ୍କୁ ଦରମା ପ୍ରଦାନ କରାଯିବ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଉକ୍ତ ଅଧିକାରୀମାନେ ଆବେଦନକାରୀଙ୍କ ପେନସନ ମଞ୍ଜୁର ହୋଇଥିବାର ଠିକ୍ କାଗଜପତ୍ର କୋର୍ଟରେ ଦାଖଲ କରିବେ, ତେବେ ଯାଇ ସେମାନେ ଦରମା ବନ୍ଦ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାୟୁସେନାର ବିମାନ ...

ଏୟାରବେସ୍ ଅଞ୍ଚଳରେ ଉଚ୍ଚ ଅଗ୍ନିଶିଖା ଏବଂ ଘନ ଧୂଆଁ ଦେଖାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବିମାନଟି ବାୟୁସେନାର ୪୩ ତମ ସ୍କ୍ୱାଡ୍ରନର ବୋଲି ଜଣାପଡ଼ିଛି ଏବଂ ଏହା ଏକ ନିୟମିତ ସାମରିକ ଯାତ୍ରାରେ ଥିଲା। ବିମାନଟି ସାମରିକ ସାମଗ୍ରୀ ଏବଂ ଲଜିଷ୍ଟିକ୍ସ ପରିବହନ ପାଇଁ ବ୍ୟବହୃତ ହୁଏ।

ସୂତ୍ର ଅନୁସାରେ, ବିମାନଟି ନିର୍ଦ୍ଦିଷ୍ଟ ରନୱେରେ ସୁରକ୍ଷିତ ଅବତରଣ କରିବାରେ ବିଫଳ ହୋଇଥିଲା ଏବଂ ଏୟାରବେସର ଏକ ଘାସ ଏବଂ ଅସମାନ ଅଞ୍ଚଳରେ ଅବତରଣ କରିଥିଲା। ଅବତରଣ ସମୟରେ ଏକ ଜୋରଦାର ବିସ୍ଫୋରଣ ପରେ, ବିମାନଟିରେ ନିଆଁ ଲାଗିଗଲା ଏବଂ ଦୁଇ ଭାଗରେ ବିଭକ୍ତ ହୋଇଗଲା।

ଦୁର୍ଘଟଣା ପରେ ତୁରନ୍ତ, ଏୟାରବେସର ଅଗ୍ନିଶମ ବାହିନୀ ଏବଂ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛନ୍ତି।

### ପାସିଂ ଆଉଟ୍ ...

ବାହିନୀର ଇତିହାସରେ ଏକ ମାଇଲଖୁଣ୍ଟ ନୁହେଁ ବରଂ ମହିଳା ନେତୃତ୍ୱାଧୀନ ବିକାଶର ଏକ ପ୍ରେରଣାଦାୟକ ଉଦାହରଣ । ମୁଁ ନିଶ୍ଚିତ ଯେ, ଆଗକୁ ଆହୁରି ଅନେକ ମହିଳା କ୍ୟାଡେଟ ଏକାଡେମୀରେ ଯୋଗଦେବେ ।'

ଏହି ପ୍ରତିଷ୍ଠାନର ପ୍ରଶଂସା କରି ରାଷ୍ଟ୍ରପତି ଆହୁରି କହିଛନ୍ତି, 'ଏହି ଏକାଡେମୀ ରାଷ୍ଟ୍ର ପ୍ରତି ସମ୍ମାନ, ସାହସ ଏବଂ ନିଃସ୍ୱାର୍ଥପର ସେବାର ଏକ ଉଜ୍ଜ୍ୱଳ ପ୍ରତୀକ ଭାବରେ ଠିଆ ହୋଇଛି । ଆମର ସୀମାକୁ ରକ୍ଷା କରିଥିବା ଅନେକ ଅସାଧାରଣ ସାମରିକ ଲିଡର ଏହି ଏକାଡେମୀରୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ମୁଁ ଏହି ମର୍ଯ୍ୟାଦାଜନକ ପ୍ରତିଷ୍ଠାନ ସହିତ ଜଡିତ ପ୍ରତ୍ୟେକଙ୍କୁ କୃତଜ୍ଞତା ଜଣାଉଛି ।'

### ଏଲ୍-ନିନୋକୁ ନେଇ...

ସେଣ୍ଟିମିଟର ବର୍ଷାରୁ କମ୍ ହେବ ନାହିଁ। ଯଦି ବର୍ଷା କମ୍ ହୁଏ ଜଳସେଚନର ପ୍ରକଳ୍ପ ଗୁଡିକୁ ପ୍ରସ୍ତୁତ କରାଯିବ।

### ୬୪ଟି ସ୍ଥାନର...

କ୍ୟାବିନେଟ୍ ମଞ୍ଜୁର କରିଛନ୍ତି। ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ ଓ ଜନସାଧାରଣଙ୍କ ମତାମତ ଆଧାରରେ ଏଣିକି ସରକାରୀ ରେକର୍ଡରେ ଔପନିବେଶିକ ସମୟର ବିକୃତ ଇଂରାଜୀ ବନାନକୁ ବଦଳାଇ ପ୍ରକୃତ ଓଡ଼ିଆ ଉଚ୍ଚାରଣ ଅନୁଯାୟୀ କରାଯିବ। ଏହି ବନାନ ସଂଶୋଧନ ସହ ବିଭିନ୍ନ ପ୍ରତିଷ୍ଠାନ ଓ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ।

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ...

ମୟୂରଭଞ୍ଜ ପ୍ରମୁଖ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ । ବୈଠକରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, କାରକେଡ୍ ପରିଚାଳନା, ହେଲିପ୍ୟାଡ୍ ପ୍ରସ୍ତୁତି, ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ସମନ୍ୱୟ, ବିମାନବନ୍ଦରେ ଆନୁଷଙ୍ଗିକ ବ୍ୟବସ୍ଥା, ଅତିଥିମାନଙ୍କ ସାମୟିକ ରହଣି, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଆବଶ୍ୟକ ସଡ଼କ ମରାମତି, ପରିମଳ ବ୍ୟବସ୍ଥା, ଟେଲିଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ପରସ୍ପର ସମନ୍ୱୟ ରକ୍ଷା କରି ନିୟମିତ ତଦାରଖ କରିବା ସହ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ କାର୍ଯ୍ୟକ୍ରମର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋଚ୍ଚମାନର ସୁରକ୍ଷା, ପ୍ରୋଟୋକଲ ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସେ ବୈଠକରେ ଗୁରୁତ୍ୱାରୋପ କରିଥିଲେ ।

# ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ୨ବି ଶ୍ରେଣୀରେ ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ୨ବି ଶ୍ରେଣୀରେ ଉନ୍ନତୀକରଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି।

ପ୍ରାୟ ୧୧୭.୧୪ କୋଟି ବ୍ୟୟ ଅଟକଳରେ ଫାୟାର ବିଲ୍ଡିଂ, ବାରାକ୍ ବିଲ୍ଡିଂ,ହାଙ୍ଗର ଏପ୍ରନ, ଟର୍ମିନାଲ ବିଲ୍ଡିଂ,ଇଲେକ୍ଟ୍ରିକ୍ ପ୍ୟାନେଲ ରୁମ୍ ,ରନୱେ, ଟ୍ୟାକ୍ସିୱେ,ଆଉଟର ପେରିଫେରି ରୋଡ୍ ସମେତ ବିଭିନ୍ନ ଭିତିଭୂମିର ସମନ୍ୱିତ ବିକାଶ କରାଯିବ। ରଙ୍ଗେଇଲୁଣ୍ଡା ବିମାନବନ୍ଦର ଦକ୍ଷିଣ ଓଡ଼ିଶାର ବାଣିଜ୍ୟ,ପର୍ଯ୍ୟଟନ, ଶିଳ୍ପ ଓ ରୋଜଗାର ସମ୍ଭାବନାକୁ ନୂତନ ଦିଗ ଦେବାର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଏହି ଅବସରରେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ,ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍,ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ସାରାଭାନା ବିବେକ ଏମ୍.,ବ୍ରହ୍ମପୁର ମହାନଗର ନିଗମର କମିଶନର ତଥା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଶ୍ରୀମତୀ ଏ. ଶସ୍ୟା ରେଡ୍ଡୀ,ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ସଚିବ ରମେଶ ହାଁସଦା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ସଚ୍ଚିଦାନନ୍ଦ ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଡ଼ିଭିଜନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନିହାର ରଞ୍ଜନ ବେହେରା, ବ୍ରହ୍ମପୁର ଡ଼ିଭିଜନ ୨ ର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ଭାଜପା ସଭାପତି ସରୋଜ ସାବତଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଓ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଦିନ ଗଞ୍ଜାମ ଜିଲ୍ଲା ଗସ୍ତ କରି ଏନଏଚ-୫୯ ଉପରେ ନିର୍ମାଣାଧୀନ ୧୩.୫୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର ବାଇପାସ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ପ୍ରାୟ ୧୯୬.୯୪ କୋଟି ଟଙ୍କା ବ୍ୟୟବରାଦରେ ଗ୍ରହଣ କରାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦% ଭୌତିକ କାର୍ଯ୍ୟ ଏବଂ ୫୬.୮୯% ଆର୍ଥିକ ପ୍ରଗତି ହାସଲ ହୋଇଛି। ପ୍ରକଳ୍ପ ଅନ୍ତର୍ଗତ ୪-ଲେନ ବିଶିଷ୍ଟ ସଡ଼କ, ରେଳ ଓଭରବ୍ରିଜ୍, ଭେହିକଲ ଅଣ୍ଡରପାସ, ଛୋଟ ପୁଲ ଓ କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଛି ।ବାଇପାସ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବ୍ରହ୍ମପୁର ସହରର ଯାତାୟାତ ଚାପ ହ୍ରାସ ପାଇବା ସହ ଦକ୍ଷିଣ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ରର ବିକାଶକୁ ନୂତନ ଗତି ମିଳିବ।

୧୯୬.୯୪ କୋଟି ଟଙ୍କାର ଏହି ଐତିହାସିକ ପ୍ରକଳ୍ପ ଓଡ଼ିଶାର ସଡ଼କ ସଂଯୋଗ ବ୍ୟବସ୍ଥାକୁ ଅଧିକ ଆଧୁନିକ, ସୁଗମ ଓ ସୁରକ୍ଷିତ କରିବା ଦିଗରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ସହ ଗୁଣାତ୍ମକ



ମାନଦଣ୍ଡ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି।

ଏହି ଅବସରରେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ,ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍,ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ସାରାଭାନା ବିବେକ ଏମ୍.,ବ୍ରହ୍ମପୁର ମହାନଗର ନିଗମର କମିଶନର ତଥା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଶ୍ରୀମତୀ ଏ. ଶସ୍ୟା ରେଡ୍ଡୀ,ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ସଚିବ ରମେଶ ହାଁସଦା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସମୀର କୁମାର ଜେନା,ବ୍ରହ୍ମପୁର ଡ଼ିଭିଜନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନିହାର ରଞ୍ଜନ ବେହେରା,ବ୍ରହ୍ମପୁର ଜାତୀୟ ରାଜପଥ ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ପ୍ରକାଶ କୁମାର ବେହେରା,ବ୍ରହ୍ମପୁର ଡ଼ିଭିଜନର ଅଧିକ୍ଷଣ ଯନ୍ତ୍ରୀ (ଜାତୀୟ ରାଜପଥ) ଇଂ ଅଭ୍ରକାଂଶ ପଣ୍ଡା,ବ୍ରହ୍ମପୁର ଡ଼ିଭିଜନ ୨ ର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ଭାଜପା ସଭାପତି ସରୋଜ ସାବତଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଓ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କ ରାଇରଙ୍ଗପୁର ଗସ୍ତ

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୯ ତାରିଖରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ରହିଛି। ଏହାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହିତ ସମସ୍ତ ବିଭାଗ ନିଜ ବିଭାଗର କାର୍ଯ୍ୟକାରିତା ନେଇ ତତ୍ପରତା ଦେଖାଇଛନ୍ତି।

ଶନିବାର ଭୂବନେଶ୍ୱରର ଏମ୍ସ ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ଡଃ ଆଶୁତୋଷ ବିଶ୍ୱାସ, ମେଡିକାଲ ଡାଇରେକ୍ଟର ଡଃ ପ୍ରଭାସ ରଞ୍ଜନ ତ୍ରିପାଠୀ, ବିଡ଼ିଏ ଲେଫଟନାଣ୍ଟ କର୍ଣ୍ଣେଲ ଅଜିତ ସରକାର, ଲୋକ ସମ୍ପର୍କ ଅଧିକାରୀ (ପିଆରଓ) ରାଜକିଶୋର ଦାଶ, ସହକାରୀ ପ୍ରଶାସନିକ ଅଧିକାରୀ ଦିବ୍ୟ ପଟ୍ଟନାୟକ, ମୟୂରଭଞ୍ଜଜିଲ୍ଲା ସିଡିଏମଓ ମହାନ୍ତ ପ୍ରମୁଖ ରାଇରଙ୍ଗପୁର ଗସ୍ତରେ ଆସିଥିଲେ। ଏହି ଟିମ୍ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା




ସହ ସମସ୍ତ ବିଭାଗ ଅନୁଧ୍ୟାନ କରିବା ସହିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସାଳୟରେ ଆସନ୍ତା ୧୯ ଜୁନ୍ ଏମ୍ସ ଓ ଉପଖଣ୍ଡ ଚିକିତ୍ସାଳୟର ପକ୍ଷରୁ ଅଭିଜ୍ଞ ସମସ୍ତ ବିଭାଗର ଚିକିତ୍ସା ବିଶେଷଜ୍ଞଙ୍କ ଦ୍ୱାରା ସ୍ୱତନ୍ତ୍ର ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ବିଶେଷ କରି ବାମନଘାଟୀ ଉପଖଣ୍ଡ ଏବଂ କରଞ୍ଜିଆ ଉପଖଣ୍ଡର କ୍ରୋନିକ ରୋଗୀମାନେ ଏଠାରେ ବିଶେଷଜ୍ଞଙ୍କୁ ଦେଖାଇ ପରାମର୍ଶ ନେଇ ପାରିବେ। ଏଠାରେ ହାର୍ଟ, ସ୍ନାୟୁ ରୋଗ, ମେଡିସିନ, ଚକ୍ଷୁ, ଗଳାକର୍ଣ୍ଣ, ସବୁ ରକମର ଚିକିତ୍ସା ଅନୁଷ୍ଠିତ ହେବ। ତେଣୁ ସମସ୍ତ ଅଞ୍ଚଳର ରୋଗୀମାନେ ହାତପାହାନ୍ତାରେ ଚିକିତ୍ସା ସୁବିଧା ପାଇ ପାରିବେ। ତାଙ୍କ ଗସ୍ତ ସମୟରେ ସିଡିଏମଓ ଧନଞ୍ଜୟ ମହାନ୍ତ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଏସଡିଏମଏଓ ଡାକ୍ତର ରବୀନ୍ଦ୍ର ନାଥ ମାରାଣ୍ଡି, ବିପିଏମ୍ ଆଲୋକ କୁମାର ଗଛୟତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୯ରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ସେ ମୟୂରଭଂଜରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଲୋକାର୍ପଣ କରିବେ।

# ଚାମେଲି ଓଝାଙ୍କୁ ସାକ୍ଷାତ କଲେ ମହିଳା କଂଗ୍ରେସ ସଭାନେତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଗତକାଲି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ତିକ୍ଷୀରି ପଞ୍ଚାୟତର ସରପଂଚକୁ ଭେଟି ତାଙ୍କର ଚିକିତ୍ସା ଏବଂ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ସଂପର୍କରେ ବୁଝିଥିଲେ। ପୁଲିସର ମାଡ ଏବଂ ଅମାନୁଷିକ ଅତ୍ୟାଚାରରେ ଚାମେଲିଙ୍କ ଦେହସାରା କ୍ଷତ ସ୍ଥାନ ଦେଖିବାକୁ ମିଳିଥିଲା। ଚାମେଲି ଡାକ୍ତରଖାନାରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଶ୍ରୀମତୀ ବାହିନୀପତି ଚାମେଲିଙ୍କ ବାପା ମାଆଙ୍କୁ ମଧ୍ୟ ସାକ୍ଷାତ କରି ମହିଳା କଂଗ୍ରେସ ତାଙ୍କ ପରିବାର ସହିତ ଅଛି ବୋଲି ପ୍ରତିଶ୍ରୁତି ଦେଇଥିଲେ।


GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
HADUA IRRIGATION DIVISION, NARASINGHPUR
e-mail id – hidirrigation@gmail.com

32001/395/2627

1st Corrigendum to 'e'-Procurement Notice No. SE-HID(NSPR)- 03/2026-27

Invites online percentage rate in double cover through e-procurement for execution of Civil works.

Availability of Bid Documents and receipt of Bid through online was upto 17.00 hours of Dt.28.06.2026 and it has been revised to 09.00 hours of Dt.29.06.2026.

All other terms and conditions remain unchanged.

Superintending Engineer
Hadua Irrigation Division
Narasinghpur

OIPR-32001/32243/1/26-27/0004

ଭୁବନେଶ୍ୱର, ୧୪ ଜୁନ୍, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀମନ୍ଦିରରେ ପୁଣି ନୀତି ବିଳମ୍ବ : ମାସକରେ ୫ ରାତି ଶୋଇନାହାନ୍ତି ମହାପ୍ରଭୁ



**ପୁରୀ, ୧୩/୦୬**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ପୁଣି ଥରେ ନୀତିକାନ୍ତିରେ ଅହେତୁକ ବିଳମ୍ବ ଦେଖାଦେଇଛି । ଏହି ନୀତି ବିଭ୍ରାଟକୁ ନେଇ ସେବାୟତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଶ୍ରୀମନ୍ଦିରର ସୁଆର ମହାସୁଆର ନିଯୋଗ ସମ୍ପାଦକ ଏହାକୁ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ପ୍ରକାଶ କରିଛନ୍ତି । ଗତ କିଛି ଦିନ ହେବ ଶ୍ରୀମନ୍ଦିରରେ ନୀତି ନିର୍ଦ୍ଧାରିତ ସମୟ ଅନୁସାରେ ହୋଇପାରୁ ନାହିଁ । ବିଳମ୍ବିତ ରାତିରେ ପହୁଡ଼ ପଡୁଥିବାରୁ ମହାପ୍ରଭୁଙ୍କ ନୀତିକାନ୍ତିରେ ବ୍ୟାଘାତ ସୃଷ୍ଟି ହେଉଛି । ସବୁଠାରୁ ଦୁଃଖଦ ବିଷୟ ହେଉଛି ଯେ, ଏହି ନୀତି ବିଳମ୍ବ ଯୋଗୁଁ ଗତ ଏକ ମାସ ମଧ୍ୟରେ ମହାପ୍ରଭୁ ପ୍ରାୟ ୫ ରାତି ଶୋଇନାହାନ୍ତି । ଯାହା ସେବାୟତ ଓ ଭକ୍ତଙ୍କ ମନରେ କଷ୍ଟ ଦେଇଛି । ସେହିପରି ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚଢ଼ିଗଲା ଶାଳିଆ ପତନୀ । ଏକାଦଶୀ ମହାଦୀପ ଉଠିବା ବେଳେ ଏହି ଅଘଟଣ ଦେଖିବାକୁ ମିଳିଥିଲା । ଚୁନେରା ସେବାୟତମାନେ ଶ୍ରୀମନ୍ଦିର ଶିଖରକୁ ଦୀପ ନେଇ ଯାଇଥିଲେ । ଏହି ସମୟରେ ଅଁଳା ବେଢ଼ାରେ ବୁଲୁଥିବା ଶାଳିଆପତନୀ ନୀଳଚକ୍ରରେ ଚଢ଼ିଥିବା ସେବାୟତଙ୍କ ଉପରେ ଚଢ଼ି ଯାଇଥିଲା । ସେବାୟତ ଜଣକ ନୀଳଚକ୍ରରୁ ଓହ୍ଲାଇ ଆସିଥିଲେ । ପରେ ଏହି ରାତ୍ରିଚର ପ୍ରାଣୀକୁ ଅଁଳା ବେଢ଼ା ଉପରେ ଥିବା ଅନ୍ୟ ଚୁନେରା ସେବାୟତ ଧରି ନେଇ ତଳକୁ ଛାଡ଼ିଥିଲେ । ଏହି ଘଟଣା ଶୁଭ ନା ଆଶୁଭ ସଙ୍କେତ ତାହା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି ।

## ମୂର୍ତ୍ତିରେ ରଙ୍ଗ ଦେବାରେ ନିମଗ୍ନ ଚିତ୍ରକର, ରଥର ବିଭିନ୍ନ ଅଂଶ ଖୋଦେଇରେ ବ୍ୟସ୍ତ ରୂପକାର

**ପୁରୀ,୧୩/୦୬ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ପାଇଁ ବେଶ୍ ଚଳଚଞ୍ଚଳ ହୋଇପଡିଛି ରଥଖଳା। ତିନି ରଥର ନିର୍ମାଣ କାର୍ଯ୍ୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆରମ୍ଭ ହୋଇଛି। ରଥ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଛନ୍ତି ଚିତ୍ରକର ସେବକ । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚିତ୍ରକରମାନେ ରଥରେ ସ୍ଥାପନ ହେବାକୁ ଥିବା ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି । ଶିଖରଡ଼ମ୍ବରୁ (ପାର୍ଶ୍ୱ ଦେବତାଙ୍କ ଆସ୍ଥାନ) ନାମକ ରଥାଂଶରୁ ରଙ୍ଗ କାର୍ଯ୍ୟ ଆରମ୍ଭ ହୋଇଥିବା କହିଛନ୍ତି ମୁଖ୍ୟ ଚିତ୍ରକର ସେବକ ଦେବଦତ୍ତ ମହାରଣା । ଏପଟେ ରଥ ଖଳାରେ ବିଶ୍ୱକର୍ମାମାନେ ରଥ 'କତରା' ତିଆରୁଛନ୍ତି ।

ରଙ୍ଗ ହେବା ପାଇଁ ଶିଖରଡ଼ମ୍ବରୁ, ଓଲଟ ଶୁଆ, ସଖୀ, ଦ୍ୱାରପାଳ ଆଦି ରଥାଂଶକୁ ପ୍ରସ୍ତୁତ ରଖାଯାଇଛି । ଚିତ୍ରକରମାନେ ଶିଖରଡ଼ମ୍ବରୁରେ ରଙ୍ଗ ଦେଉଛନ୍ତି । ପାର୍ଶ୍ୱ ଦେବତାଙ୍କ ପ୍ରତିମୂର୍ତ୍ତି ଓ ଋଷିପଟାରେ ରଙ୍ଗ ଦିଆଯିବ । ଖଳାରେ ବିଶ୍ୱକର୍ମାମାନେ ରଥରେ ଲାଗିବାକୁ ଥିବା 'କତରା' ତିଆରୁଛନ୍ତି । ପ୍ରତି ରଥ ପାଇଁ ୪ ଲେଖାଏଁ ମୋଟ ତିନି ରଥ ପାଇଁ ୧୨ଟି କତରା ତିଆରି ଚାଲିଛି । ରଥ ଆଗରେ ଓ ପଛରେ ୨ଟି ଲେଖାଏଁ ୪ଟି କତରା ଲାଗିବ ।

ରୂପକାର ସେବକମାନେ ରଥର ବିଭିନ୍ନ ଅଂଶ ଖୋଦେଇରେ ବ୍ୟସ୍ତ ଅଛନ୍ତି । ଦୋଳବେଦି ଅସ୍ଥାୟୀ ଶାଳରେ କମାର ସେବକମାନେ ଲୁହା



ସାମଗ୍ରୀ ତିଆରିରେ ବ୍ୟସ୍ତ । ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର, ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର ଓ ଦେବଦଳନର ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ସେମାନଙ୍କୁ ସହଯୋଗ କରୁଛନ୍ତି ।

## ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ



**ପୁରୀ, ୧୩।୬**
**ନ୍ୟୁଜ ବ୍ୟୁରୋ**

ରାଜ୍ୟପାଳ ଡ଼ଃ ହରିବାବୁ କମ୍ପମପାଟି ଶନିବାର ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି । ଏଥିସହ ଚାଲିଥିବା କାମର ଅଗ୍ରଗତି ସମୀକ୍ଷା କରିଛନ୍ତି । ପ୍ରକଳ୍ପ ଶେଷ ହେଲେ ପୁରୀ ରେଳ ଷ୍ଟେସନ ଏକ ଆଧୁନିକ ଓ ଯାତ୍ରୀ ପରିବହନ କେନ୍ଦ୍ରରେ ପରିଣତ ହେବ । ରଥଯାତ୍ରା-୨୦୨୭ ପୂର୍ବରୁ ପ୍ରକଳ୍ପ ଶେଷ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟପାଳଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପର ବିଭିନ୍ନ ଅଂଶ ସମ୍ପର୍କରେ ଅବଗତ କରାଇଥିଲେ । ଷ୍ଟେସନର ନୂତନ ମୁଖ୍ୟ ପ୍ରବେଶଦ୍ୱାର, ଆକର୍ଷଣୀୟ ଫ୍ରଣ୍ଟ ଫାସାଡ୍, ୱେଟିଂ ଲାଉଞ୍ଜ, ଫୁଡ୍ କୋର୍ଟ, ଜନଆହାର କେନ୍ଦ୍ର, ଡର୍ମିଟୋରୀ, ରିଟାୟରିଂ ରୁମ୍, ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେସିନ୍, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଓ ବ୍ୟାରିୟର-ଫ୍ରି ପ୍ରବେଶ-ପ୍ରସ୍ଥାନ ସୁବିଧା ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ । ପରେ ଲୋକଭବନରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟପାଳ ପୁରୀ-କୋଣାର୍କ ରେଳ ସଂଯୋଗ ପ୍ରକଳ୍ପ ସମେତ ରେଳ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା-୨୦୨୭ ପୂର୍ବରୁ ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ଯାହାଦ୍ୱାରା ଲକ୍ଷାଧିକ ଭକ୍ତ, ପର୍ଯ୍ୟଟକ ଓ ଯାତ୍ରୀ ଆଧୁନିକ ସୁବିଧାର ଲାଭ ଉଠାଇପାରିବେ । କାର୍ଯ୍ୟର ନିୟମିତ ତଦାରଖ, ସାପ୍ତାହିକ ସମୀକ୍ଷା ଏବଂ ରେଳବାଇ ଓ ରାଜ୍ୟ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ଆଧୁନିକ ରେଳ ଭିତ୍ତିଭୂମି ଓଡ଼ିଶାର ପର୍ଯ୍ୟଟନ, ସଂଯୋଗ ବ୍ୟବସ୍ଥା ଓ ଆର୍ଥିକ ବିକାଶକୁ ଆହୁରି ମଜବୁତ କରିବ ବୋଲି ସେ ମତ ଦେଇଥିଲେ ।

## ଗୃହିଣୀମାନେ ହିଁ ରାଷ୍ଟ୍ର ନିର୍ମାତା : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩/୦୬**

ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପରିବାର ପ୍ରତି ପତ୍ନୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ, ସେମାନଙ୍କୁ ଗୃହିଣୀ ପରିବର୍ତ୍ତେ ରାଷ୍ଟ୍ର ନିର୍ମାତା ଭାବରେ ଉଲ୍ଲେଖ କରାଯିବା ଉଚିତ୍ । ପାରିବାରିକ ଆୟର କ୍ଷତି ସମ୍ପର୍କରେ କୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ସୁପ୍ରିମକୋର୍ଟଙ୍କର ଏକ ଖଣ୍ଡପୀଠ କହିଛନ୍ତି ଯେ, ମୋଟର ଦୁର୍ଘଟଣା ଦାବିରେ କ୍ଷତିପୂରଣ ପ୍ରଦାନ ପାଇଁ ଘରର ଦେଖାଶୁଣାର କ୍ଷତିକୁ ଏକ ଅତିରିକ୍ତ ଆଧାର ଭାବରେ ବିବେଚନା କରାଯିବ । ଏହି ରାୟ ଗୃହିଣୀଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ମାମଲାରେ ପ୍ରଦାନ କରାଯାଇଛି । କୋର୍ଟ କହିଛନ୍ତି, ଘରେ କାମ କରୁଥିବା ମହିଳାମାନେ ଅଫିସ ଯାଇ ଘର ଚଳାଇବା ପାଇଁ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି । ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ



କହିଛନ୍ତି, ଜଣେ ଗୃହିଣୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆର୍ଥିକ ଭାବରେ ସେମାନଙ୍କ ଅବଦାନକୁ ଆକଳନ କରିବା କଷ୍ଟକର । ଜଣେ ଗୃହିଣୀ ମାସକୁ ଅତି କମରେ ୩୦ ହଜାର ଟଙ୍କାର ଘରକାମ କରିଥାନ୍ତି ।

କୋର୍ଟ କହିଛନ୍ତି, ସଡ଼କ ଦୁର୍ଘଟଣା ମାମଲାରେ ଗୃହିଣୀଙ୍କର ଆନୁମାନିକ ଆୟ ତାଙ୍କ କାମ, ଶ୍ରମ ଏବଂ ତ୍ୟାଗ ଉପରେ ଆଧାର କରି ମୂଲ୍ୟାଙ୍କନ କରାଯିବା ଉଚିତ୍ । ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି, ଜଣେ ଗୃହିଣୀଙ୍କ ଭୂମିକା ସ୍ଥିର ଆୟ ଥିବା ପରିବାରର ଅନ୍ୟ ସଦସ୍ୟଙ୍କ ପରି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ବ୍ୟକ୍ତିଗତ ଭାବରେ ମୂଲ୍ୟାଙ୍କନ କରାଯାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାଙ୍କର ଅବଦାନ ଉଚ୍ଚମାନର ଏବଂ ଅମୂଲ୍ୟ । କେବଳ ଆର୍ଥିକ ଦୃଷ୍ଟିରୁ ତାଙ୍କ ଅବଦାନର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ କଷ୍ଟକର ।

୨୦ ବର୍ଷ ତଳେ ୨୦୦୬ ମସିହାରେ, ଉତ୍ତରାଖଣ୍ଡରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଗାଡ଼ିଟି ବୀମାକୃତ ନଥିଲା । ଫଳସ୍ୱରୂପ, ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେଇଥିଲେ । ମହିଳାଙ୍କ ସ୍ୱାମୀ ଏବଂ ନାବାଳକ ପୁଅର ମୃତ୍ୟୁ ପରେ, କ୍ଷତିପୂରଣ ୨.୫୦ ଲକ୍ଷ ଟଙ୍କା ସ୍ଥିର କରାଯାଇଥିଲା । ପରିବାର ଅଧିକ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ, କିନ୍ତୁ ୨୦୧୭ରେ ଏହାକୁ ଖାରଜ କରାଯାଇଥିଲା । ହାଇକୋର୍ଟ ରାୟ ଦେଇଥିଲେ ଯେ, ଜଣେ ଗୃହିଣୀଙ୍କ ପାଇଁ କ୍ଷତିପୂରଣ ଜୀବନକାଳ ଏବଂ ସର୍ବନିମ୍ନ ଆନୁମାନିକ ଆୟ ଉପରେ ଆଧାରିତ ହେବା ଉଚିତ୍ । ଟ୍ରିବ୍ୟୁନାଲ୍ ମହିଳାଙ୍କ ଆନୁମାନିକ ଆୟ ଜଣେ ଦୈନିକ ମଜୁରିଆ ଶ୍ରମିକଙ୍କ ତୁଳନାରେ କମ୍ ବୋଲି ଆକଳନ କରିଥିଲେ । ହାଇକୋର୍ଟ ମଧ୍ୟ ଏହାକୁ ସମର୍ଥନ କରିଥିଲେ ।

ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ, ଜଣେ ଗୃହିଣୀଙ୍କ ଆୟ ଜଣେ ଦୈନିକ ମଜୁରିଆଙ୍କ ଆୟଠାରୁ କମ୍ କିପରି ଆକଳନ କରାଯାଇପାରିବ । ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆକଳନକୁ ଗ୍ରହଣ କରାଯାଇପାରିବ ନାହିଁ । ଖଣ୍ଡପୀଠ ଘରୋଇ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ ଏବଂ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶୁଣାଣି ସମୟରେ ଅନେକ ତଥ୍ୟଗତ ତ୍ରୁଟିକୁ ମଧ୍ୟ ସମାଲୋଚନା କରିଛନ୍ତି । ରିପୋର୍ଟରେ ଯାନର ପ୍ରକାରକୁ ଭୁଲ ଭାବରେ ତାଲିକାଭୁକ୍ତ କରାଯାଇଥିଲା, ମହିଳାଙ୍କ ବୟସ କମ୍ ଦର୍ଶାଯାଇଥିଲା ଏବଂ ତାଙ୍କ ନାବାଳକ ପୁଅକୁ ବୟସ୍କ ଭାବରେ ଭୁଲ୍ ଭାବରେ ଦର୍ଶାଯାଇଥିଲା । ଖଣ୍ଡପୀଠ କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରି ମୃତ ମହିଳାଙ୍କ ପରିବାରକୁ ଛଅ ସପ୍ତାହ ମଧ୍ୟରେ ଏହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରେ ଗୋ-ମାଫିଆଙ୍କ ଘରେ ଚଢ଼ଉ : କେଜିଏରୁ ଉର୍ଦ୍ଧ୍ୱ ରୁପା ଜବତ

**ବାଲେଶ୍ୱର ୧୩।୬**
**ନ୍ୟୁଜ ବ୍ୟୁରୋ**

ଗୋ-ମାଫିଆଙ୍କୁ ନାହିଁ ନିସ୍ତାର । ଖୋଜି ଖୋଜି ଧରୁଛି ପୋଲିସ । ପାଖାପାଖି ଦୁଇ ମାସ ପରେ ପୁଣି ଥରେ ବଡ଼ ଧରଣର ରେଡ୍ । ଗୋ-ତସ୍କରୀ ଉପରେ ବଡ଼ ଧରଣର ଚଢ଼ଉ କରିଛି ପୋଲିସ । ପୂର୍ବାଞ୍ଚଳ ରେଞ୍ଜ ଅନ୍ତର୍ଗତ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ଏକକାଳୀନ ୧୯ଟି ସ୍ଥାନରେ ଚଢ଼ଉ କରିଥିଲା ପୋଲିସ । ମଧ୍ୟରାତ୍ରରୁ ଅଚାନକ ଚଢ଼ଉ କରିଥିଲା ପୋଲିସ । ଚଢ଼ଉ ବେଳେ ୨୦ଟି ଗାଡ଼ି ଜବତ ସହ ୧ କେଜିରୁ ଉର୍ଦ୍ଧ୍ୱ ରୁପା, ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ୧୯ଟି ପାସବୁକ୍, ଏଟିଏମ କାର୍ଡ ଜବତ କରିଛି ପୋଲିସ ।

ଏଭଳି ଚଢ଼ଉ ପରେ ପୂର୍ବାଞ୍ଚଳ ଡିଆଇଜି କହିଛନ୍ତି ଧୀରେ ଧୀରେ ଗୋ-ମାଫିଆଙ୍କ ଉପରେ ରୋକ୍ ଲାଗିବା ଆରମ୍ଭ ହୋଇଛି । ଲଗାତର ପୋଲିସ ପକ୍ଷରୁ ଚଢ଼ଉ କରାଯାଉଥିବାରୁ ଏବେ ଗୋ-ଚାଲାଣ କାରବାର କମିବା ଆରମ୍ଭ ହୋଇଛି । ବର୍ତ୍ତମାନ କିଛି ନୂଆ ଢଙ୍ଗରେ ଗୋ-ମାଫିଆ ଗୋ-ଚାଲାଣ ଆରମ୍ଭ କରିଥିବା ବେଳେ ତସ୍କରୀ ଉପରେ ପୋଲିସ ସମ୍ପୂର୍ଣ୍ଣ ଭାବେ ନଜର ରଖିଛି ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୩/୦୬/୨୦୨୬
୬,୪୨,୭୩୭/- ଟଙ୍କା
ସୁନା:- ୦୨ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୧୦ଗ୍ରାମ୍ ୦୦୦ ମିଲିଗ୍ରାମ

## ଓଡ଼ିଶାର ପ୍ରଥମ ହାତୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ଭବାନିପାଟଣା, ୧୩/୦୬**
**ନ୍ୟୁଜ ବ୍ୟୁରୋ**

କଳାହାଣ୍ଡିରେ ଓଡ଼ିଶାର ପ୍ରଥମ ହାତୀ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟନ୍ କରିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ଦିନିକିଆ କଳାହାଣ୍ଡି ଜିଲ୍ଲା ଗସ୍ତ ଅବସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଭବାନୀପାଟଣା ନିକଟସ୍ଥ ସିର୍ଲିଗୁଡ଼ା ସ୍ଥିତ ମେଗା ନର୍ସରୀ ଠାରେ ଓଡ଼ିଶାର ପ୍ରଥମ ହାତୀ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି ।

ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ମାନବ-ହାତୀ ସଂଘର୍ଷର ସ୍ଥାୟୀ ସମାଧାନ ଦିଗରେ ଏହି କେନ୍ଦ୍ର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ପ୍ରତିଷ୍ଠା ହୋଇଥିବା ଏହି ଅଭିନବ ହାତୀ ପ୍ରଶିକ୍ଷଣ କେନ୍ଦ୍ରରେ ଉଗ୍ର ଏବଂ ଜନବସତିମୁହାଁ ହେଉଥିବା ହାତୀମାନଙ୍କୁ ଉଦ୍ଧାର କରାଯାଇ ପ୍ରଶିକ୍ଷଣ ଓ ଚିକିତ୍ସା ପ୍ରଦାନ କରାଯିବ ।

କୁଙ୍କି ହାତୀ ଓ ମାହୁନ୍ତ ହାତୀ ଆଣି ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଦିନକୁ ଦିନ ଗଜରାଜ ଜନବସତି ମୁହାଁ ହେଉଥିବାରୁ ଲୋକେ ଭୟଭିତ ହେବା ସହ ଅନେକ ଫସଲ ନଷ୍ଟ କରୁଛନ୍ତି । ଏହାସହ ବିଭିନ୍ନ ସମୟରେ ହାତୀ ଓ ମଣିଷର ଲଢ଼େଇରେ ମଧ୍ୟ ଅନେକ ଅମୁଲ୍ୟ ଜୀବନ ନଷ୍ଟ ହେଉଛି ।

ପ୍ରତିଷ୍ଠା ହୋଇଥିବା ଏହି ଅଭିନବ ହାତୀ ପ୍ରଶିକ୍ଷଣ କେନ୍ଦ୍ରରେ ଉଗ୍ର ଏବଂ ଜନବସତିମୁହାଁ ହେଉଥିବା ହାତୀମାନଙ୍କୁ ଉଦ୍ଧାର କରାଯାଇ ପ୍ରଶିକ୍ଷଣ ଓ ଚିକିତ୍ସା ପ୍ରଦାନ କରାଯିବ । ଏହାସହ କର୍ଲାପାଟ ଅଭୟାରଣ୍ୟ ଅନ୍ତର୍ଗତ ସିମିଳିପଦର୍ ନିକଟରେ ଏକ ୱାଚ୍ ଟାୱାର ମଧ୍ୟ ଉଦ୍ଘାଟନ କରିଛନ୍ତି ମନ୍ତ୍ରୀ । ଏହି ଅବସରରେ ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଅଧିକାରୀ, ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ପରିବେଶ ଏଇଠୁ ଆରମ୍ଭ ହେଉଛି, ପରିବେଶ ସନ୍ତୁଳନକୁ ନେଇ ଏଠି ଚାଷ ହେଉଛି । ହାତୀ ଓ ମଣିଷର ଯେଉଁ ଲଢେଇ ହେଉଛି ସେଥିପାଇଁ ସେହି ହାତୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ କୁଙ୍କି ହାତୀ ପୂର୍ବରୁ ଶିମିଳିପାଳରେ ଥିଲେ । ହେଲେ ସେହି ହାତୀମାନେ ମରି ଯାଇଛନ୍ତି । ଜଙ୍ଗଲ ବିଭାଗ ଏବେ କୁଙ୍କି ହାତୀକୁ ଆଣି ଯେଉଁ ହାତୀମାନେ ଉଗ୍ର ହେବେ ତାଙ୍କୁ ପ୍ରଶିକ୍ଷଣ ଦିଆଯିବ । ମାହୁନ୍ତ ହାତୀ ମଧ୍ୟ ଆସିବ ବୋଲି ସେ ପ୍ରକାଶ କରିଛନ୍ତି ।

## ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣାରେ ପୁରୁଷବନ୍ଧୁ ଗିରଫ

**କଟକ, ୧୩/୦୬**
**ନ୍ୟୁଜ ବ୍ୟୁରୋ**



କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜାବାଳା ହେମ୍ବ୍ରମ୍‌ଙ୍କ ମୃତଦେହ ମିଳିବା ଘଟଣାରେ ବୟଫ୍ରେଣ୍ଡ ଭୀମସେନ ଟୁଡୁଙ୍କୁ ଗିରଫ କରିଛି ପୁଲିସ । ମୟୂରଭଞ୍ଜ ବିଶୋଇ ଥାନା ଅଞ୍ଚଳରୁ ଭୀମସେନ ଟୁଡୁଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ଅଭିଯୁକ୍ତଙ୍କୁ ଗିରଫ କରି ମୟୂରଭଞ୍ଜରୁ ରାତିରେ ଆଣି ବାରଙ୍ଗ ଥାନାକୁ ଅଣାଯାଇଛି । ମୃତଦେହ ମିଳିବା ପରଠୁ ଫେରାର ଥିଲେ ଭୀମସେନ ଟୁଡୁ । ଗିରଫ ଭୟରେ ହାଇକୋର୍ଟରେ ଜାମିନ ଆବେଦନ ମଧ୍ୟ କରିଥିଲେ ପୁରୁଷବନ୍ଧୁ ଭୀମସେନ ଟୁଡୁ । ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଡିସିପି ପ୍ରତିକ୍ରିୟା ଦେଇଛନ୍ତି । ଭୀମସେନଙ୍କ ପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ତଥ୍ୟ ମିଳିଛି ବୋଲି ଡିସିପି ସୂଚନା ଦେଇଛନ୍ତି । ପୁରୁଷବନ୍ଧୁ ପାଖରୁ ଲାପଟପ୍, ଟାବଲେଟ୍ ଜବତ ହୋଇଛି, ହ୍ୱାଟସ୍ ଆପ୍ ତଥ୍ୟ ବି ମିଳିଛି ବୋଲି ଡିସିପି ସୂଚନା ଦେଇଛନ୍ତି । ମୃତ୍ୟୁ ପୂର୍ବରୁ ଚନ୍ଦ୍ରିକା ଭୀମସେନଙ୍କୁ ଫୋନ୍ କରିଥିଲେ, କିନ୍ତୁ ସେ ଫୋନ୍ ଉଠାଇ ନଥିଲେ । ଅନ୍ୟ ଜଣଙ୍କ ନମ୍ବରରୁ ବି ଚନ୍ଦ୍ରିକା କଲ୍ କରିଥିଲେ, କିନ୍ତୁ ତାହା ବି ଉଠାଇ ନଥିଲେ । ଆବଶ୍ୟକ ହେଲେ ଭୀମସେନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବୁ ବୋଲି ଡିସିପି ସୂଚନା ଦେଇଛନ୍ତି ।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ
ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol -10 • Issue-49 • June 2026 • Bhubaneswar

ସମୁଦ୍ରରେ ମିଶୁଛି କୁଢ଼ କୁଢ଼ ଆବର୍ଜନା, ନଷ୍ଟ ହେଉଛି ପ୍ରାକୃତିକ ପରିବେଶ

ଭାରତର ପ୍ରଜନନ ହାରକୁ ନେଇ ଚିନ୍ତା ପ୍ରକଟ କଲେ ଏଲନ ମସ୍କ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ୧୫୦ ବର୍ଷ ତଳେ ଆସିଥିଲା ବିନାଶକାରୀ ଏଲ୍ ନିନୋ : ନେଇଥିଲା ୫ କୋଟି ଲୋକଙ୍କ ଜୀବନ

**ନୂଆଦିଲ୍ଲୀ ୧୩/୦୬**

ପ୍ରାୟ ୧୫୦ ବର୍ଷ ପୂର୍ବେ ଘଟିଥିବା ଏକ ଭୟଙ୍କର ଜଳବାୟୁ ପରିବର୍ତ୍ତନ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା, ଯାହାଫଳରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା । ଚଳିତ ବର୍ଷ ଶେଷ ସୁଦ୍ଧା ଇତିହାସର ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ଘଟଣାମାନଙ୍କ ମଧ୍ୟରୁ ଗୋଟିଏ ଘଟିବାର ଆଶଙ୍କା ବଢ଼ିବା ସହିତ, ୧୮୭୭ ମସିହାର ସେହି ବିନାଶକାରୀ ଘଟଣା ସହ ଏହାର ତୁଳନା କରାଯାଉଛି । ସେତେବେଳେ ଏଭଳି ଏକ ଏଲ୍ ନିନୋ ଘଟଣା ସମଗ୍ର ବିଶ୍ୱରେ ଭୟଙ୍କର ତାଣ୍ଡବ ସୃଷ୍ଟି କରିଥିଲା । ଏଲ୍ ନିନୋ ହେଉଛି ପୂର୍ବ-ମଧ୍ୟ ଉଷ୍ଣକଟିବନ୍ଧୀୟ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସମୁଦ୍ର ଜଳର ଅସାମାନ୍ୟ ଉଷ୍ଣତା ବୃଦ୍ଧି, ଯାହା ପ୍ରତି କିଛି ବର୍ଷରେ ଥରେ ଦେଖାଯାଏ । ଏହି ବର୍ଷ ସେହି ଅଞ୍ଚଳରେ ସମୁଦ୍ର ଜଳର ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ୩ ଡିଗ୍ରୀ ସେଲସିଅସ୍ ଅଧିକ ହୋଇ ରେକର୍ଡ ଭାଙ୍ଗିପାରେ । ପ୍ରାୟ ଦେଢ଼ ଶତାବ୍ଦୀ ପୂର୍ବରୁ ଏହି ଜଳବାୟୁ ପରିବର୍ତ୍ତନ ଫସଲକୁ ଧ୍ୱଂସ କରିଦେଇଥିଲା । ଏହା ଏବେ ପୁଣିଥରେ ପ୍ରଶ୍ନ ଉଠାଇଛି ଯେ, ଏପରି ଘଟଣା କି ପୁଣିଥରେ ବିଶ୍ୱ ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇପାରେ ? ୧୮୭୭ ରୁ ୧୮୭୮ ମଧ୍ୟରେ ଘଟିଥିବା ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ବିଶ୍ୱବ୍ୟାପୀ ଦୁର୍ଭିକ୍ଷର ପରିସ୍ଥିତି ସୃଷ୍ଟି କରିଥିଲା । ଭାରତ, ଚୀନ, ବ୍ରାଜିଲ ଓ ଅନ୍ୟାନ୍ୟ ଦେଶରେ ୫ କୋଟିରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା । ସେତେବେଳେ ଏହା ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୩ ରୁ ୪ ପ୍ରତିଶତ



ଥିଲା । ଆଜିର ଜନସଂଖ୍ୟା ଅନୁସାରେ ଏହାର ପ୍ରଭାବ ଅତି କମରେ ୨ କୋଟି ଲୋକଙ୍କ ମୃତ୍ୟୁ ସହ ସମାନ ହୋଇପାରେ । ଗବେଷକମାନେ ଲେଖିଛନ୍ତି, 'ଏହା ନିଶ୍ଚିତ ଭାବେ ମାନବ ସଭ୍ୟତା ଉପରେ ଆସିଥିବା ସବୁଠାରୁ ଭୟଙ୍କର ପରିବେଶୀୟ ବିପର୍ଯ୍ୟୟ ଥିଲା ।' ଏହି ବିପର୍ଯ୍ୟୟ ହଠାତ୍ ଆସିନଥିଲା; ଏହାର ପ୍ରଭାବ ସାମ୍ନାକୁ ଆସିବା ପାଇଁ କିଛି ବର୍ଷ ସମୟ ଲାଗିଥିଲା । ୧୮୭୫ ମସିହାରେ ଉଷ୍ଣକଟିବନ୍ଧୀୟ ଓ ଉପଉଷ୍ଣକଟିବନ୍ଧୀୟ ଅଞ୍ଚଳଗୁଡ଼ିକରେ ମରୁଡ଼ି ପରିସ୍ଥିତି ଆରମ୍ଭ ହୋଇଥିଲା । ପରବର୍ତ୍ତୀ ବର୍ଷଗୁଡ଼ିକରେ ହିନ୍ଦ ମହାସାଗର ଓ ଆଟଲାଣ୍ଟିକ୍ ମହାସାଗରର ଶକ୍ତିଶାଳୀ ଜଳବାୟୁ କାରକମାନଙ୍କ ସହ ଏକ ରେକର୍ଡ ସୃଷ୍ଟିକାରୀ ଏଲ୍ ନିନୋ ଘଟଣା ଘଟିଥିଲା । ଏହାର ପରିଣାମରେ ଖରା ଆହୁରି ତୀବ୍ର ହୋଇ ଦୀର୍ଘ ସମୟ ଧରି ଜାରି ରହିଥିଲା । ୱାଶିଂଟନ୍ ଷ୍ଟେଟ୍ ୟୁନିଭର୍ସିଟିର ସହଯୋଗୀ ପ୍ରଫେସର ଦୀପ୍ତି ସିଂହ, ଯିଏ ଏହି "ସୁପର ଏଲ୍ ନିନୋ" ଉପରେ ଅଧ୍ୟୟନ କରିଛନ୍ତି, କହିଛନ୍ତି ଯେ ଦୁର୍ଭିକ୍ଷ ଖରାର ଅନିବାର୍ଯ୍ୟ ପରିଣାମ ନୁହେଁ । ତାଙ୍କ ମତରେ, ୧୮୭୦ ଦଶକରେ ଔପନିବେଶିକ ଶାସକମାନଙ୍କର ଉଦ୍ଦେଶ୍ୟମୂଳକ ନୀତି ଓ କାର୍ଯ୍ୟକଳାପ ସ୍ଥାନୀୟ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରିଥିଲା, ଯାହା ଉପରେ ଲୋକମାନେ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରିବା ପାଇଁ ନିର୍ଭର କରୁଥିଲେ । ଦୀପ୍ତି ସିଂହ କହିଛନ୍ତି, "୧୮୭୦ ଦଶକ ଭଳି ଏକାଧିକ ବର୍ଷ ଧରି ଚାଲୁଥିବା ଖରା ପୁଣିଥରେ ଘଟିପାରେ ।" ସେ ଆହୁରି କହିଛନ୍ତି, "ଏବେ ପ୍ରାର୍ଥକ୍ୟ ହେଉଛି ଯେ, ଆମ ବାୟୁମଣ୍ଡଳ ଓ ମହାସାଗର ୧୮୭୦ ଦଶକ ତୁଳନାରେ ଅଧିକ ଉଷ୍ଣ ହୋଇଯାଇଛି । ଏହାର ଅର୍ଥ, ସେହି ସମ୍ବନ୍ଧିତ ଚରମ ପାଣିପାଗ ପରିସ୍ଥିତି ଆହୁରି ଗୁରୁତର ରୂପ ନେଇପାରେ ।" ତେବେ, ବର୍ତ୍ତମାନ ଓ ସେତେବେଳର ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରାର୍ଥକ୍ୟ ମଧ୍ୟ ରହିଛି । ସେହି ସମୟରେ ଏତେ ଶକ୍ତିଶାଳୀ ଏଲ୍-ନିନୋ ଘଟଣା ଆସିବାର ପୂର୍ବାନୁମାନ କରିବା କିମ୍ବା ଏହାର ପ୍ରଭାବକୁ ବୁଝିବା ପାଇଁ ଆଧୁନିକ ବୈଜ୍ଞାନିକ ସାଧନ ଓ ପ୍ରଯୁକ୍ତି ଉପଲବ୍ଧ ନଥିଲା । ଆଜି କିନ୍ତୁ ଉନ୍ନତ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ଓ ବୈଜ୍ଞାନିକ ଗବେଷଣା ଦ୍ୱାରା ଏପରି ବିପଦ ବିଷୟରେ ପୂର୍ବରୁ ସତର୍କ ସୂଚନା ମିଳୁଛି, ଯାହା ଦ୍ୱାରା କ୍ଷତି କମାଇବା ପାଇଁ ପଦକ୍ଷେପ ନିଆଯାଇପାରେ । ସେହି ସମୟରେ ଏତେ ଶକ୍ତିଶାଳୀ ଏଲ୍ ନିନୋ ଘଟଣାର ପୂର୍ବାନୁମାନ କରିବା କିମ୍ବା ଏହାର ପ୍ରଭାବ ବିଷୟରେ ଜାଣିବା ପ୍ରାୟ ଅସମ୍ଭବ ଥିଲା । କିନ୍ତୁ ଏକ ଶତାବ୍ଦୀରୁ ଅଧିକ ସମୟ ପରେ, ୧୯୮୨-୮୩ ମସିହାର ସୁପର ଏଲ୍ ନିନୋ ଜଳବାୟୁ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ମୋଡ଼ ଆଣିଥିଲା । ୧୯୮୨ ରୁ ୧୯୮୩ ମଧ୍ୟରେ ଘଟିଥିବା ଏହି ଭୟଙ୍କର ସୁପର ଏଲ୍ ନିନୋ ବିଶ୍ୱବ୍ୟାପୀ ବିପୁଳ ଆର୍ଥିକ କ୍ଷତି ଘଟାଇଥିଲା । ତେବେ ଏହା ଏଲ୍ ନିନୋକୁ ବୁଝିବା ଏବଂ ଏହାର ନିରୀକ୍ଷଣ ବ୍ୟବସ୍ଥାକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହୋଇଥିଲା । ଜଳବାୟୁ ବିଜ୍ଞାନୀ କେଭିନ୍ ଟ୍ରେନବର୍ଥ କହିଛନ୍ତି ଯେ, ୧୯୮୨-୮୩ର ଅପ୍ରତ୍ୟାଶିତ ସୁପର ଏଲ୍ ନିନୋ ପରେ ପ୍ରଶାନ୍ତ ମହାସାଗରରେ ସମୁଦ୍ର ନିରୀକ୍ଷଣ ବ୍ୟବସ୍ଥାରେ ବିପ୍ଳବାତ୍ମକ ପରିବର୍ତ୍ତନ ଆସିଥିଲା । ଏହା ଦ୍ୱାରା ପ୍ରଥମ ଥର ପାଇଁ ଏହି ବ୍ୟାପକ ଜଳବାୟୁ ପ୍ରକ୍ରିୟାକୁ ରିଅଲ୍-ଟାଇମ୍‌ରେ ନଜର ରଖିବା ସମ୍ଭବ ହୋଇଥିଲା । ସେ କହିଛନ୍ତି ଯେ, ୧୯୯୦ ଦଶକର ମଧ୍ୟଭାଗ ସୁଦ୍ଧା ଏକ ଆନ୍ତର୍ଜାତିକ କାର୍ଯ୍ୟକ୍ରମ ଅଧୀନରେ ପ୍ରଶାନ୍ତ ମହାସାଗରରେ ପ୍ରାୟ ୭୦ଟି ସ୍ଥାୟୀ ବୁଆ ସ୍ଥାପନ କରାଯାଇଥିଲା । ଏଗୁଡ଼ିକ ବାୟୁର ଗତି, ବାୟୁମଣ୍ଡଳୀୟ ତାପମାତ୍ରା, ଆର୍ଦ୍ରତା, ଚାପ, ସମୁଦ୍ରର ଉପରିଭାଗର ତାପମାତ୍ରା ଓ ଲବଣତା ମାପୁଥିଲେ । ସେହି ସମୟରୁ ଆଜି ପର୍ଯ୍ୟନ୍ତ ରିଅଲ୍-ଟାଇମ୍ ତଥ୍ୟ ଯୋଗାଉଥିବା ଯନ୍ତ୍ରପାତିର ସଂଖ୍ୟା ୪,୦୦୦ରୁ ଅଧିକ ହୋଇଯାଇଛି । ଏହା ଦ୍ୱାରା ଏଲ୍ ନିନୋର ବିକାଶ ଓ ଗତିବିଧି ଉପରେ ନିରନ୍ତର ନଜର ରଖିବା ସମ୍ଭବ ହୋଇଛି । ଏହି ନିରୀକ୍ଷଣ ବ୍ୟବସ୍ଥା ଏଲ୍ ନିନୋର ପୂର୍ବାନୁମାନ କରିବାରେ ମଧ୍ୟ ସହାୟକ ହୋଇଥିଲା । ୧୯୮୬ ମସିହାରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଥମ ଏଲ୍ ନିନୋ ପୂର୍ବାନୁମାନମାନଙ୍କ ମଧ୍ୟରୁ ଗୋଟିଏ କରିଥିଲା, ଯାହା ପରେ ସଠିକ୍ ବୋଲି ପ୍ରମାଣିତ ହୋଇଥିଲା । ୧୯୯୬ ସୁଦ୍ଧା ୟୁରୋପୀୟ ସେଣ୍ଟର ଫର୍ ମିଡିୟମ୍-ରେଞ୍ଜ ୱେଦର ଫୋରକାଷ୍ଟସ୍ ଏବଂ ଆମେରିକାର ନ୍ୟାସନାଲ୍ ଓସେଆନିକ୍ ଆଣ୍ଡ ଆଟମୋସଫେରିକ୍ ଆଡମିନିଷ୍ଟ୍ରେସନ୍ ଋତୁକାଳୀନ ପୂର୍ବାନୁମାନ ବ୍ୟବସ୍ଥା ଚଳାଉଥିଲେ । ଏହି ମଡେଲ୍‌ଗୁଡ଼ିକ ୧୯୯୭ରେ ଏକ ବଡ଼ ଏଲ୍ ନିନୋ ଘଟଣା ଘଟିବାର ସମ୍ଭାବନା ଦେଖାଇଥିଲେ । ପରେ ଏହା ୧୯୮୨ର ଏଲ୍ ନିନୋଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହୋଇଥିଲା ଏବଂ ବିଶ୍ୱବ୍ୟାପୀ କ୍ଷତିର ପରିମାଣ ୩୨ ଅରବ ଡଲାରରୁ ୯୬ ଅରବ ଡଲାର ମଧ୍ୟରେ ଥିବା ଆକଳନ କରାଯାଇଥିଲା । ବର୍ତ୍ତମାନ ଉନ୍ନତ ସୁପରକମ୍ପ୍ୟୁଟିଂ, ଉପଗ୍ରହ ତଥ୍ୟ ଏବଂ ଜଳବାୟୁ ମଡେଲ୍ ସାହାଯ୍ୟରେ ପ୍ରତିଦିନ, ସାପ୍ତାହିକ ଓ ମାସିକ ଭିତ୍ତିରେ ଏଲ୍ ନିନୋର ପୂର୍ବାନୁମାନ କରାଯାଉଛି । ଯଦିଓ ଏହି ପୂର୍ବାନୁମାନ ସମ୍ପୂର୍ଣ୍ଣ ନିଖୁଣ ନୁହେଁ, ତଥାପି ସେଗୁଡ଼ିକ ବହୁ ପରିମାଣରେ ସଠିକ୍ ଏବଂ ଉପଯୋଗୀ ସାବ୍ୟସ୍ତ ହେଉଛି । ବିଶେଷଜ୍ଞମାନଙ୍କ ମତରେ, ୧୯୮୨-୮୩ର ସୁପର ଏଲ୍ ନିନୋ ଏବଂ ଏହା ପରେ ହୋଇଥିବା ବୈଜ୍ଞାନିକ ଅଗ୍ରଗତି ନଥାନ୍ତା, ତେବେ ଆଜିର ବିଶ୍ୱ ଚାଲିଥିବା ଏଲ୍ ନିନୋ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏତେ ପ୍ରସ୍ତୁତ ହୋଇପାରିନଥାନ୍ତା ।